୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.18 Bhubaneswar Saturday Feburary 22 2025 | ୨୭ତମ ବର୍ଷ ସଂଖ୍ୟା-୧୮ ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୨, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ଓଡିଶାରେ ଉଚ୍ଚଶିକ୍ଷାର ବିକଟାଳ ଚିତ୍ର: ୧୭ ସରକାରୀ ୟୁନିର୍ଭସିଟିରେ ଅଛନ୍ତି ମାତ୍ର ୩୫% ଅଧ୍ୟାପକ



ଭୁବନେଶ୍ୱର,୨୧।୨(ପି.ଏନ): ୨୪ ବର୍ଷ କ୍ଷମତାରେ ରହିଥିବା ବିଜେଡି ସରକାରର ଅପାରଗତା ଯୋଗୁ ଏବେ ରାଜ୍ୟର ଉଚ୍ଚଶିକ୍ଷାରେ ବିକଟାଳ ସ୍ଥିତି ଉପୁଜିଛି । 'ନୂଆଓ' ଭଳି କାର୍ଯ୍ୟକ୍ରମ କରି କଲେଜ ପିଲାଙ୍କୁ ନାଚ଼ଗୀତରେ ମତୁଆଲା କରିବା ସହ ହାତଖର୍ଚ୍ଚ ବାଂଟିଥିବା ବିଜେଡି ସରକାର ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ ଶୈକ୍ଷିକ ବାତାବରଣ କିମ୍ବା ଭିତ୍ତିଭୂମି ପ୍ରସ୍ତୁତ ଦିଗରେ ସାମାନ୍ୟତମ ଆଗ୍ରହ ଦେଖାଇନାହାନ୍ତି । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାନସଭାରେ ଯେଉଁ ତଥ୍ୟ ରଖିଛନ୍ତି ତାହା ଏଭଳି ଦିଗକୁ ଇଙ୍ଗିତ କରୁଛି । ରାଜ୍ୟର ସମସ୍ତ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟର ପାଠପଢ଼ା କିଭଳି ଚ଼ାଲୁଥିବା ତାହା ମନ୍ତ୍ରୀ ଦେଇଥିବା ଉତ୍ତରରୁ ହିଁ ଜଳଜଳ ପ୍ରତୀତ ହେଉଛି । ଏହିସବୁ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ମାତ୍ର ୩୪.୭୪% ଅଧ୍ୟାପକ କାର୍ଯ୍ୟ କରୁଛନ୍ତି । ଅର୍ଥାତ୍ ମଞ୍ଜୁରୀପ୍ରାପ୍ତ ପଦବୀର ପ୍ରାୟ ୬୫% ଅଧ୍ୟାପକ ପଦବୀ ଖାଲି ପଡିଛି । ଉତ୍କଳ ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ରେଭେନ୍ସା, ରମାଦେବୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆଦିରେ ୬୦ ପ୍ରତିଶତରୁ ଅଧିକ ପଦବୀ ଅଧ୍ୟାପକ ପଦବୀ ଖାଲି ପଡିଛି ।ବିଧାନସଭାରେ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ରାଜ୍ୟରେ ଥିବା ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ମୋଟ ୨୦୦୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ଅଛି । ସେଥିରୁ ୬୯୬ଟି ପଦବୀରେ ଅଧ୍ୟାପକ/ଅଧ୍ୟାପିକା କାର୍ଯ୍ୟ କରୁଛନ୍ତି । ୧୩୦୭ଟି ପଦବୀ ଖାଲି ପଡିଛି । ଓଡିଶା ବିଶ୍ୱବିଦ୍ୟାଳୟ ଚ଼ିଠା ଅଧିନିୟମ-୨୦୨୪ କ୍ୟାବିନେଟ ବୈଠକରେ ପାରିତ ହୋଇ ବିଧାନସଭାରେ ଉପସ୍ଥାପନ କରାଯାଇଛି । ଏହା ଆଇନରେ ପରିଣତ ହେଲେ ବିଶ୍ୱବିଦ୍ୟାଳୟଗୁଡିକରେ ସମସ୍ତ ପଦବୀ ନିୟମିତ ଭାବେ ପୂରଣ କରାଯିବା ପାଇଁ ପଦକ୍ଷେପ ନିଆଯିବ । ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଖାଲିଥିବା ଅଧ୍ୟାପକ ପଦବୀଗୁଡିକରେ ଅତିଥି ଅଧ୍ୟାପକ ଓ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ନିଯୁକ୍ତି ଏବେ ଦିଆଯାଉଛି । ଏଥିପାଇଁ ବିଶ୍ୱବିଦ୍ୟାଳୟଗୁଡିକ ଦ୍ୱାରା ଏବେସୁଦ୍ଧା ୯୬୩ଟି ଗେଷ୍ଟ ଫ୍ୟାକଲିଟି ନିଯୁକ୍ତି ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଅର୍ଥାତ୍ ଏହି ଅତିଥି ଅଧ୍ୟାପକମାନଙ୍କ ସହାୟତାରେ ବିଶ୍ୱବିଦ୍ୟାଳୟଗୁଡିକର ଉଚ୍ଚଶିକ୍ଷା ପରିଚ଼ାଳନା ହେଉଛି ।

## ଭୁବନେଶ୍ୱର ଭିତରେ ତିଆରି ହେବ ନୂଆ ସହରଟି ବଦଳିବ ସହରର ଢାଞ୍ଚା, ମିଳିବ ନିଯୁକ୍ତି



ଭୁବନେଶ୍ୱର,୨୧।୨(ପି.ଏନ): ରାଜଧାନୀ ଭୁବନେଶ୍ୱର ବାହାରେ ରିଙ୍ଗ ରୋଡ୍ ଏବଂ ଭିତରେ ସମୃଦ୍ଧ ସହରର ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର । ଏ ନେଇ ବଜେଟରେ ୪୦୮ କୋଟି ଟଙ୍କାର ସ୍ୱତନ୍ତ୍ର ବ୍ୟୟବରାଦ ରଖିଛନ୍ତି ସରକାର ।

ମିଳିବ ନିଯୁକ୍ତି: ଆଇଟି ସହ ବିଭିନ୍ନ ସେକ୍ଟର ପାଇଁ ଭିନ୍ନ ଭିନ୍ନ ଭିତ୍ତିଭୂମି ସୁଦୃଢ଼ କରାଯିବ । ପ୍ରାରମ୍ଭିକ ଭାବେ ୩୨୨ ହେକ୍ଟର ଜମିକୁ ବିକଶିତ କରାଯିବ । ଏହାଦ୍ୱାରା ଅଧିକରୁ ଅଧିକ ନିବେଶ ରାଜ୍ୟକୁ ଆସିବା ସହ ନିଯୁକ୍ତି ମଧ୍ୟ ସୃଷ୍ଟି ହେବ ।

ଭୁବନେଶ୍ୱରକୁ ହାଇଦ୍ରାବାଦ ଭଳିଆ ସହର କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ସମୃଦ୍ଧ ସହର ଯୋଜନାରେ ରାଜ୍ୟର ଅନ୍ୟ ସହରଗୁଡିକର ବିକାଶ ମଧ୍ୟ କରାଯିବ ।

ଯୋଡ଼ିହେବ ସହର: ଭୁବନେଶ୍ୱର-କଟକ-ପୁରୀ,ସମ୍ବଲପୁର-ଝାରସୁଗୁଡା-ବରଗଡ, ଜୟପୁର-ସୁନାବେଡା-କୋରାପୁଟ, ଛତ୍ରପୁର-ବ୍ରହ୍ମପୁର-ଗୋପାଳପୁର , କେନ୍ଦୁଝର-ବଡବିଲ-ଯୋଡା ଭଳି ତିନିଟି ଲେଖାଏ ସହରକୁ ଯୋଡି ଅର୍ଥନୈତିକ କରିଡର ଭାବେ ବିକାଶ କରାଯିବାରକୁ ଯୋଜନା ରଖିଛନ୍ତି ସରକାର ।

## ବାଲିଯାତ୍ରାରେ ହୋଇଥିଲା ବ୍ୟାପକ ଅବ୍ୟବସ୍ଥା,ତଳିତଳାନ୍ତ ହେଲା ଓଡିଆ ଅସ୍ମିତା

ଭୁବନେଶ୍ୱର,୨୧।୨(ପି.ଏନ): ଓଡିଆ ଅସ୍ମିତାକୁ ସରକାରକୁ ଆସିଥିଲେ ଡବଲ ଇଞ୍ଜିନ ସରକାରରେ ବାରମ୍ବାର ଓଡିଆ ଅସ୍ମିତାକୁ ତଳିତଳାନ୍ତ କରାଯାଉଛି । ଆଜି ଖୋଦ ବିଜେପି ବିଧାୟକ ଓ ବିଜେପି ନେତା ତଥା ସ୍ୱାଧୀନ ବିଧାୟକମାନେ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି । ବାଲିଯାତ୍ରାରେ ଗଣକବି ବୈଷ୍ଣବ ପାଣିଙ୍କ ମଞ୍ଚରେ ଆଧୁନିକ ନାଚ଼, ଷ୍ଟଲ ନିଲାମ ଭଳି ଅଭିଯୋଗ ସାଙ୍ଗକୁ କଣ୍ଟିଲୋ ନିଳମାଧବ ପୀଠରେ ମାଘ ମେଳା ଆୟୋଜନରେ ଅବ୍ୟବସ୍ଥାକୁ ନେଇ ଏକ ସ୍ୱରରେ ବର୍ଷିଛନ୍ତି ବିରୋଧୀ ଓ ଶାସକ ଦଳର ନେତା ଓ ବିଧାୟକ । ସେପଟେ ବିଜେଡି ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି ଉଠାଇଲା ବିଜେଡି । ବାଲିଯାତ୍ରାରେ ହୋଇଥିଲା ବ୍ୟାପକ ଅବ୍ୟବସ୍ଥା। ଗଣକବିଙ୍କ ମଞ୍ଚରେ ମଞ୍ଚସ୍ଥ ହେଲା ରେକର୍ଡ ଡ୍ୟାନ୍ସ। ଯାତ୍ରାକୁ ଜାତୀୟ ମାନ୍ୟତା କହା କହି ନିଲାମ ଜରିଆରେ ବିକ୍ରି ହେଉଥିଲା ଷ୍ଟଲ। ଏଥର ବାଲିଯାତ୍ରାକୁ ନେଇ ଏଭଳି ଅଭିଯୋଗ କରିଛନ୍ତି ବିଜେପି ନେତା ତଥା ମାହାଙ୍ଗା ବିଧାୟକ ସାରଦା ପ୍ରଧାନ । ବିଜେପି ଶିବିରକୁ ଆପଣେଇଥିବା ମାହାଙ୍ଗାର ସ୍ୱାଧୀନ ବିଧାୟକ ଶାରଦା ପ୍ରଧାନ ଗତ ବର୍ଷ ବାଲିଯାତ୍ରାରେ ଜିଲ୍ଲା ପ୍ରଶାସନର ଅବ୍ୟବସ୍ଥା ନେଇ ବିଧାନସଭା ପ୍ରଶ୍ନକାଳରେ ବର୍ଷିଥିଲେ । ଗଣକବି ବୈଷ୍ଣବ ପାଣିଙ୍କ ମଞ୍ଚରେ ରେକର୍ଡ ଡ୍ୟାନ୍ସ ହୋଇଥିବାରୁ ସେ ଆପତ୍ତି ଉଠାଇ କହିଥିଲେ ଯେ, ଏହା ଓଡ଼ିଆ ଅସ୍ମିତା ପ୍ରତିଶୃତି ପ୍ରତି ଅପମାନ । ଏପରିକି କଟକ ଜିଲ୍ଲାର ବିଧାୟକ ହୋଇଥିବା ସତ୍ତ୍ୱେ ତାଙ୍କୁ ଉପେକ୍ଷିତ କରାଯାଇ ବାଲିଯାତ୍ରାକୁ ନିମନ୍ତ୍ରଣ କରାଯାଇ ନଥିବା ସେ ଅଭିଯୋଗ କରିଛନ୍ତି । ନିଲାମ ପ୍ରକ୍ରିୟାରେ ସ୍ୱଚ଼୍ଛତା ନଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଥିଲେ । ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଶ ମଧ୍ୟ ନିଲାମ ପ୍ରକ୍ରିୟାକୁ ନେଇ ପ୍ରଶ୍ନ କରିଥିଲେ । ବାଲିଯାତ୍ରାକୁ ଜାତୀୟ ମାନ୍ୟତା ନେଇ ଆଲୋଚ଼ନା ଚ଼ାଲିଥିବା ବେଳେ ଷ୍ଟଲ ନିଲାମ କରି ଏହି ବିଶ୍ୱସ୍ତରୀୟ ମହୋତ୍ସବକୁ ନିନ୍ଦିତ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ସୋଫିଆ । ବାଲିଯାତ୍ରାରେ ତାରକଶି ଷ୍ଟଲକୁ ସ୍ୱତନ୍ତ୍ର ସ୍ଥାନ ଓ ଜାତୀୟ ମାନ୍ୟତା ପାଇଁ ଦାବି କରିଛି ବିଜେଡି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ବହୁ ଉଦ୍ୟମ କରିଥିଲେ । ଜବାବରେ ସଂସ୍କୃତି ମନ୍ତ୍ରୀ କହିଛନ୍ତି ଯେ, ଆଗକୁ ତାରକଶି ଷ୍ଟଲ ପାଇଁ ବି ବ୍ୟବସ୍ଥା ହେବ । ହେଲେ ଜାତୀୟ ମାନ୍ୟତା ଦେବା ୟୁନେସ୍କୋର କାମ । ଏଥିପାଇଁ ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । କିନ୍ତୁ ସଂସ୍କୃତି ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଜେଡି ବିଧାୟକ । ସେପଟେ କଣ୍ଟିଲୋ ନୀଳମାଧବ ପୀଠରେ ମାଘମେଳା ଆୟୋଜନରେ ଜିଲ୍ଲା ପ୍ରଶାସନର ଅବହେଳା ନେଇ ବର୍ଷିଛନ୍ତି ବିଜେପିର ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ନାୟକ ।

## ଶେଷରେ ଫାଶରେ ପଡିଲେ 'ଲେଡି ଡନ୍'





ବହୁ ବର୍ଷ ଧରି ଦିଲ୍ଲୀ ପୁଲିସ ପାଇଁ ଅପହଞ୍ଚ ହୋଇ ରହିଥିବା 'ଲେଡି ଡନ୍' ତଥା ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର ହାଶିମ ବାବାର ପତ୍ନୀ ଜୋୟା ଖାନ ଶେଷରେ ଗିରଫ ହୋଇଛନ୍ତି। ହେରୋଇନ ରଖିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୨୭୦ ଗ୍ରାମ ହେରୋଇନ ଜବତ କରାଯାଇଛି, ଯାହାର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ପ୍ରାୟ ୧ କୋଟି ଟଙ୍କା। ୩୩ ବର୍ଷୀୟା ଜୋୟାଙ୍କ ଉପରେ ପୁଲିସ୍ ନଜର ରଖିଥିଲା। କିନ୍ତୁ ସେ ସବୁ ବେଳେ ପୁଲିସଠାରୁ ଗୋଟିଏ ପାଦ ଆଗରେ ଚ଼ାଲୁଥିଲେ। ସ୍ୱାମୀ ହାଶିମ ବାବା ଜେଲ୍‌ରେ ଥିବା ବେଳେ ତା'ର ଅପରାଧିକ ସାମ୍ରାଜ୍ୟକୁ ଜୋୟା ଚ଼ଳାଉଥିଲେ। ହାଶିମ ବାବାଙ୍କ ଗ୍ୟାଙ୍ଗକୁ ନେଇ ସେ ଏମିତି ଢଙ୍ଗରେ ଏହି ଅପରାଧିକ ସାମ୍ରାଜ୍ୟକୁ ଚ଼ଳାଉଥିଲେ ଯେ ଯେମିତି ଏହା ସହିତ ତାଙ୍କର ପ୍ରତ୍ୟକ୍ଷ ସଂପୃକ୍ତିକୁ ନେଇ କିଛି ପ୍ରମାଣ ପୁଲିସ ପାଇବ ନାହିଁ। ଜୋୟାଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ହୋଇଥିବା ସତ୍ତ୍ୱେ ଠୋସ୍ ପ୍ରମାଣ ଅଭାବରୁ ବର୍ତ୍ତମାନ ପର୍ଯ୍ୟନ୍ତ ପୁଲିସ ତାଙ୍କୁ ଗିରଫ କରିପାରୁ ନଥିଲା। ହାଶିମ ବାବା ନାଁରେ ପୁଳା ପୁଳା ମାମଲା ରହିଛି। ହତ୍ୟାଠାରୁ ଆରମ୍ଭ କରି ବଟି ଆଦାୟ କରିବା ଓ ବେଆଇନ ଅସ୍ତ୍ରଶସ୍ତ୍ର କାରବାର ପର୍ଯ୍ୟନ୍ତ ଲମ୍ବିଛି ତା'ର କଳାକାରନାମା। ଜୋୟା ଖାନ ହେଉଛନ୍ତି ତାଙ୍କର ତୃତୀୟ ପତ୍ନୀ। ୨୦୧୭ରେ ହାଶିମ ବାବାଙ୍କୁ ବିବାହ କରିବା ପୂର୍ବରୁ ଜୋୟା ଅନ୍ୟ ଜଣଙ୍କୁ ବାହା ହୋଇଥିଲେ। ପ୍ରଥମ ସ୍ୱାମୀଙ୍କୁ ଛାଡପତ୍ର ଦେବା ପରେ ସେ ହାଶିମ ବାବାଙ୍କୁ ବାହା ହୋଇଥିଲେ। ନର୍ଥ ଇଷ୍ଟ ଦିଲ୍ଲୀରେ ହାଶିମ ବାବା ଓ ଜୋୟା ଖାନ ପଡୋଶୀ ଥିଲେ। ସେଠାରେ ଦେଖା ସାକ୍ଷାତରୁ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥିଲା ଓ ୨୦୧୭ରେ ସେମାନେ ବିବାହ କରିଥିଲେ।

ଅପରାଧିକ ସାମ୍ରାଜ୍ୟ

ହାଶିମ ବାବା ଗିରଫ ହୋଇ ଜେଲ୍ ଯିବା ପରେ ତାଙ୍କ ଗ୍ୟାଙ୍ଗକୁ ଚ଼ଳାଉଥିଲେ ଜୋୟା ଖାନ। ହାଶିମଙ୍କ ଗ୍ୟାଙ୍ଗରେ ଜୋୟାଙ୍କ ଭୂମିକାକୁ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମର ବେଆଇନ ବ୍ୟବସାୟରେ ତା' ଭଉଣୀ ହସୀନା ପାରକରର ଭୂମିକା ସହିତ ତୁଳନା କରାଯାଏ। ଦିନ ଥିଲା ଦାଉଦ୍ ?ର ବେଆଇନ ବ୍ୟବସାୟଗୁଡ଼ିକୁ ହସୀନା ପରିଚ଼ାଳିତ କରୁଥିଲା। ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍‌ରୁ ମିଳିଥିବା ସୂଚ଼ନା ଅନୁଯାୟୀ ହାଶିମ ଗ୍ୟାଙ୍ଗର ବଟି ଆଦାୟ ଓ ନିଶା କାରବାରରେ ଜୋୟା ପୂରାପୂରି ସଂପୃକ୍ତ ଥିଲେ। ସେ ଏହି ସବୁ ବେଆଇନ କାମଗୁଡିକୁ ନିଜେ ପରିଚ଼ାଳନା କରୁଥିଲେ।

ଜୋୟା ଏକ ଅପରାଧିକ ସାମ୍ରାଜ୍ୟ ଚ଼ଳାଉଥିଲେ ମଧ୍ୟ ସେ ଅନ୍ୟ ମାଫିଆ ବସ୍ ?ମାନଙ୍କଠାରୁ ଟିକେ ଭିନ୍ନ। ସେ ହାଇ-ପ୍ରୋଫାଇଲ ପାର୍ଟିରେ ସାମିଲ ହେଉଥିଲେ। ଦାମୀ ପୋଷାକ ପିନ୍ଧୁଥିଲେ। ନାମୀଦାମୀ ବ୍ରାଣ୍ଡର ଗାଡି ଚ଼ଢୁଥିଲେ। ସୋଶାଲ ମିଡିଆରେ ତା'ର ଉପସ୍ଥିତିରୁ ଏସବୁର ପ୍ରମାଣ ମିଳେ।

ହାଶିମ ବାବା ଦିଲ୍ଲୀର ତିହାର ଜେଲ୍‌ରେ ଥିବା ବେଳେ ଜୋୟା ନିୟମିତ ବ୍ୟବଧାନରେ ସେଠାକୁ ଯାଏ। ପୁଲିସର ସୂଚ଼ନା ଅନୁଯାୟୀ, ସେଠାରେ ଉଭୟଙ୍କ ମଧ୍ୟରେ ଅପରାଧିକ ସାମ୍ରାଜ୍ୟର ପରିଚ଼ାଳନା ଉପରେ ଆଲୋଚ଼ନା ହୁଏ। ସେମାନେ କୋଡ୍ ୱାର୍ଡରେ କଥାବାର୍ତ୍ତା ହୁଅନ୍ତି। ହାଶିମଙ୍କ ସହଯୋଗୀ ତଥା ଅନ୍ୟ ଅପରାଧୀଙ୍କ ସହିତ ଜୋୟା ସିଧାସଳଖ ଯୋଗାଯୋଗରେ ରହୁଥିଲେ।

ବର୍ଷ ବର୍ଷ ଧରି ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଓ କ୍ରାଇମ ବ୍ରାଞ୍ଚ ଜୋୟାକୁ ଗିରଫ କରିବା ପାଇଁ ସଂଘର୍ଷ କରିଥିଲା। ଆଉ ଶେଷରେ ଚ଼ଳିତ ବର୍ଷ ସେମାନଙ୍କୁ ସଫଳତା ମିଳିଛି। ଗୁଇନ୍ଦା ରିପୋର୍ଟ ଆଧାରରେ ଜୋୟାଙ୍କୁ ନର୍ଥ ଇଷ୍ଟ ଦିଲ୍ଲୀର ୱେଲକମ୍ ? ଅଞ୍ଚଳରୁ ଗିରଫ କରାଯାଇଛି। ପାଖରେ ହେରୋଇନ ରଖିଥିବା ବେଳେ ଜୋୟାଙ୍କୁ ଗିରଫ କରାଯାଇଥିଲା। ସେ ଉତ୍ତର ପ୍ରଦେଶର ମୁଜାଫରନଗରରୁ ଏହି ହେରୋଇନ ବିକ୍ରି କରିବା ଉଦ୍ଦେଶ୍ୟରେ ଆଣିଥିଲେ। ନାଦିର ଶାହ ହତ୍ୟା ମାମଲାରେ ସଂପୃକ୍ତ ଶୁଟରମାନଙ୍କୁ ଜୋୟା ଲୁଚ଼ାଇ ରଖିଥିବା ପୁଲିସ ସନ୍ଦେହ କରୁଛି। ନାଦିର ଶାହ ଜଣେ ଜିମ୍ ମାଲିକ ଥିଲେ। ସେ ଦକ୍ଷିଣ ଦିଲ୍ଲୀର ଗ୍ରେଟର କୈଳାସ-୧ ଅଞ୍ଚଳରେ ରହୁଥିଲେ। ତାଙ୍କୁ ୨୦୨୪ ସେପ୍ଟେମ୍ବର ମାସରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ଜୋୟାଙ୍କ ସ୍ୱାମୀ ହାଶିମ ବାବାଙ୍କ ସଂପୃକ୍ତି ମଧ୍ୟ ରହିଛି।

ପାରିବାରିକ ପୃଷ୍ଠଭୂମି

ଜୋୟା ଖାନଙ୍କ ପାଇଁ ଅପରାଧ ଏକ ପାରିବାରିକ ବ୍ୟବସାୟ ଭଳି। ୨୦୨୪ରେ ତାଙ୍କ ମା' ଗିରଫ ହୋଇଥିଲେ। ସେକ୍ସ ଟ୍ରାଫିକିଂରେ ସଂପୃକ୍ତି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା। ଏବେ ସେ ଜାମିନରେ ଅଛନ୍ତି। ତାଙ୍କ ବାପା ଏକ ନିଶା ବେପାର କରୁଥିବା ନେଟୱର୍କ ସହିତ ସଂପୃକ୍ତ ଥିଲେ। ଜୋୟା ନର୍ଥ ଇଷ୍ଟ ଦିଲ୍ଲୀର ବିଭିନ୍ନ ସ୍ଥାନରୁ ସ୍ୱାମୀ ହାଶିମ ବାବାଙ୍କ କଳା ସାମ୍ରାଜ୍ୟକୁ ପରିଚ଼ାଳିତ କରୁଥିଲେ। ତାଙ୍କ ଆଖପାଖରେ ସବୁ ବେଳେ ହାଶିମ ବାବାଙ୍କର ୪-୫ ଜଣ ବନ୍ଧୁକଧାରୀ ଘେରି ରହିଥା'ନ୍ତି। ହାଶିମ ବାବାଙ୍କ ଗ୍ୟାଙ୍ଗ ବିପୁଳ ବଟି ଆଦାୟ କରେ।

## ମହାମହିମ ରାଷ୍ଟ୍ରପତିଙ୍କୁ, ଆଦିବାସୀ ଅଧିକାର ଏବଂ ଭାଷାକୁ ମାନ୍ୟତା ନିମନ୍ତେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ ସପ୍ତଗିରି ଶଙ୍କର ଉଲାକା



ନୂଆଦିଲ୍ଲୀ, ୨୧।୨(ପି.ଏନ): ମାନ୍ୟବର ସାଂସଦ ଶ୍ରୀ ସପ୍ତଗିରି ଶଙ୍କର ଉଲାକାଙ୍କ ନେତୃତ୍ୱରେ ଓଡିଶାର ଏକ ପ୍ରତିନିଧିଦଳ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଓଡିଶାର ଆଦିବାସୀ ସମ୍ପ୍ରଦାୟକୁ ପ୍ରଭାବିତ କରୁଥିବା ଦୁଇଟି ଦୀର୍ଘ-ବିଚ଼ାରାଧୀନ ପ୍ରସଙ୍ଗ ଉପରେ ଆଲୋଚ଼ନା କରିଥିଲେ ।ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧୀ, ବୁଦ୍ଧିଜୀବୀ ତଥା ସାମାଜିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏହି ପ୍ରତିନିଧୀ ଦଳ ଝୋଡିଆ ସମ୍ପ୍ରଦାୟ ସମ୍ମୁଖୀନ ହୋଇଥିବା ଐତିହାସିକ ଅନ୍ୟାୟ ଏବଂ ସାମ୍ବିଧାନିକ ସ୍ୱୀକୃତି ମାଧ୍ୟମରେ ସେ ?ରା ଭାଷାକୁ ସଂରକ୍ଷଣ ତଥା ପ୍ରୋତ୍ସାହିତ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ମୁଖ୍ୟ ସଚ଼ିବଙ୍କ ସରକାରୀ ଅନୁରୋଧ ସମେତ ଓଡିଶା ରାଜ୍ୟ ସରକାରଙ୍କ ବାରମ୍ବାର ସୁପାରିଶ ସତ୍ତ୍ୱେ ଏ ଦିଗରେ କେ ?ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି ପ୍ରତିନିଧି ମଣ୍ଡଳୀ ମାନ୍ୟବର ରାଷ୍ଟ୍ରପତିଙ୍କୁ ଝୋଡିଆ ସମ୍ପ୍ରଦାୟର ଏସଟି ସ୍ଥିତିର ତୁରନ୍ତ ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେବା ସହ ସେମାନଙ୍କର ଶିକ୍ଷା, ରୋଜଗାର ଏବଂ ବିଭିନ୍ନ କଲ୍ୟାଣ ଯୋଜନାରେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି ।ଓଡିଶା ଏବଂ ପଡୋଶୀ ରାଜ୍ୟରେ ପାଞ୍ଚ ଲକ୍ଷରୁ ଅଧିକ ଆଦିବାସୀଙ୍କ କତ ସେ ?ରା ଭାଷାର ଏକ ସମୃଦ୍ଧ ଐତିହ୍ୟ ଏବଂ ଏକ ଅନନ୍ୟ ଲିପି ସେରା ସୋମ୍‌ପେଙ୍ଗ ରହିଛି। ତଥାପି, ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚ଼ୀତରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଏହାର ସରକାରୀ ସ୍ୱୀକୃତି, ସରକାରୀ ସମର୍ଥନ ଏବଂ ଭାଷାଭିତ୍ତିକ ସଂରକ୍ଷଣ ପଦକ୍ଷେପକୁ ଅସ୍ୱୀକାର ଓ ଉପେକ୍ଷିତ କରାଯାଇଛି । ଉକ୍ତ ପ୍ରତିନିଧି ଦଳ ଏହାକୁ ଗୁରୁତ୍ୱାରୋପ କରି କରିଛନ୍ତି ଯେ ଅଷ୍ଟମ ଅନୁସୂଚ଼ୀରେ ଅନ୍ତର୍ଭୁକ୍ତ ହେବାସହ ସରକାରୀ ପ୍ରକାଶନ, ଶିକ୍ଷାଗତ ପଦକ୍ଷେପ, ସାଂସ୍କୃତିକ ସଂରକ୍ଷଣ ଏବଂ ବିକାଶ ପାଇଁ ଆର୍ଥିକ ସହାୟତା ଅନୁମତି ଦେବା ଫଳରେ ଏକ ଜନଜାତୀୟ ଭାଷାର ବିକାଶ ହୋଇପାରିବ। ଯେଉଁ ଭଳି ଅନ୍ୟାନ୍ୟ ଆଦିବାସୀ ଭାଷା ସରକାରୀ ମାନ୍ୟତା ପାଇଛନ୍ତି ଠିକ୍ ସେହିଭଳି ଏବେ ସେରା ଭାଷା କୁ ମଧ୍ୟ ସମାନ ମାନ୍ୟତା ପ୍ରଦାନ କରିବାର ସମୟ ଆସିଛି । ଶ୍ରୀ ସପ୍ତଗିରି ଶଙ୍କର ଉଲାକା ଏବଂ ଉକ୍ତ ପ୍ରତିନିଧୀ ଦଳ ଆବଶ୍ୟକୀୟ ସରକାରୀ ଦଲିଲ ଏବଂ ଉକ୍ତ ସମ୍ପ୍ରଦାୟର ଏକ ଦସ୍ତଖତ ଅଭିଯାନ ମାନ୍ୟବର ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପନ ମଧ୍ୟ କରିଥିଲେ। ମାନ୍ୟବର ସାଂସଦ କୋରାପୁଟଙ୍କ ନେତୃତ୍ୱରେ ରାୟଗଡ଼ା ଜିଲ୍ଲାରେ ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ପାଇଁ ଏକ ଦସ୍ତଖତ ଅଭିଯାନ ଆରମ୍ଭହୋଇଥିଲା। ସେ ?ରା ଭାଷାକୁ ସରକାରୀ ମାନ୍ୟତା ଦେବା ପାଇଁ ଏକ ଅଭିଯାନ ମାଧ୍ୟମରେ ଅଞ୍ଚଳରୁ ପ୍ରାୟ ୧୦,୦୦୦ ରୁ ଉର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଯେଉଁଥରେ ତ୍ରିପୁରାର ଦସ୍ତଖତକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା । ଝୋଡିଆଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରିବା ପାଇଁ ପ୍ରାୟ ୧୫,୦୦୦ରୁ ଉର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇଥିଲା, ଯାହାକୁ ମାନ୍ୟବର ରାଷ୍ଟ୍ରପତିଙ୍କ ନିକଟରେ ଦାଖଲ କରାଯାଇଛି। ଏହି ପ୍ରତିନିଧ ଦଳର ନେତୃତ୍ୱ ଶ୍ରୀ ସପ୍ତଗିରି ଶଙ୍କର ଉଲାକା, ସାଂସଦ (କୋରାପୁଟ) ଏବଂ ଗୁଣୁପୁର ବିଧାୟକ ଶ୍ରୀ ସତ୍ୟଜିତ୍ ଗମାଙ୍ଗ ନେଉଥିବା ବେଳେ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାମପ୍ରସାଦ ଗମାଙ୍ଗ, କେତନ ଶବର, ଦିନମସି ଗମାଙ୍ଗ,ଓଇରୁମ୍ପି ଶବର ନୀଳକଣ୍ଠ ଝୋଡିଆ, ସନ୍ଧୁ ଚ଼ରଣ ମାଝି, ଦୁଧେଶ୍ୱର ଝୋଡିଆ ଅନିରୁଦ୍ଧ ଝୋଡିଆ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅନ୍ଧାରରେ ଶୈଶବ, ପ୍ରାକ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ଆଦିବାସୀ ଶିଶୁ



ଭୁବନେଶ୍ୱର,୨୧।୨(ପି.ଏନ): ଅନ୍ଧାରରେ ଶୈଶବ । ପ୍ରାକ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ଆଦିବାସୀ ଶିଶୁ । ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଗିନ୍ଦିଲାମାଲରେ ଦିଗହରା ପାଲଟିଛି ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା । ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ଦୀର୍ଘ ଦିନ ହେଲା କର୍ମୀ ନଥିବାରୁ କେନ୍ଦ୍ରର ସହାୟିକା ପିଲାଙ୍କୁ ବେଳେବେଳେ ପାଠ ପଢାଉଛନ୍ତି । ନାହିଁ ନାହିଁରେ ଚ଼ାଲିଛି ଗିନ୍ଦିଲାମାଲ ଅଙ୍ଗନବାଡି କେନ୍ଦ୍ର।

ଏଣେତେଣେ ବୁଲୁଛନ୍ତି ଅଙ୍ଗନବାଡି ଛାତ୍ରଛାତ୍ରୀ । କେନ୍ଦ୍ର ବି ଖୋଲା ଅଛି । ଏପଟେ ରୋଷେଇ ବି ଚ଼ାଲିଛି । ବେଳେବେଳେ ପିଲାଙ୍କୁ ପାଠ ବି ପଢା ଚ଼ାଲିଛି । ଏ ହେଉଛି ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁସିତ ଗାଁ ଗିନ୍ଦଲାମାଲ ଅଙ୍ଗନବାଡି କେନ୍ଦ୍ରର ଦୃଶ୍ୟ । ଏହି କେନ୍ଦ୍ରରେ ପ୍ରାୟ ୨୮ ଜଣ ପିଲା ଅଛନ୍ତି । ହେଲେ ଦୁଃଖର କଥା ଏଠାରେ ପାଠ ପଢ଼ାଉଥିବା ମହିଳା ଜଣଙ୍କ ଅଙ୍ଗନବାଡ଼ି କର୍ମୀ ନୁହଁନ୍ତି । ସେ ହେଉଛନ୍ତି ଏହି କେନ୍ଦ୍ରର ସହାୟିକା । ସେ କେବଳ ରୋଷେଇ କରି ପିଲାଙ୍କୁ ଖାଇବାକୁ ଦେଇ କେନ୍ଦ୍ରକୁ ଛୁଟି କରି ଦିଅନ୍ତି । କେତେବେଳେ କେମିତି ଟିକିଏ ସମୟ ମିଳିଲେ ପିଲାଙ୍କୁ ପାଠ ପଢାଇଥାନ୍ତି । ତେବେ କର୍ମୀ ନଥିବାରୁ ଏହି ଅଞ୍ଚଳର ଶିଶୁମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି । ଏନେଇ ଜିଲ୍ଲାପ୍ରଶାସନଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ।ଏସ ପଡ଼ାପାଲି ପଞ୍ଚାୟତର କୁସୁମପାଲ, ଦାବପାଲ, ଡେଙ୍ଗୁରଦରହ, ଦେଝରନ୍ ସହ ଗିନ୍ଦଲାମାଲ୍ ଗାଁର ଶିଶୁ ମାନେ ଏହି ଅଙ୍ଗନବାଡ଼ି କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଏହି କେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ଅଙ୍ଗନବାଡି କର୍ମୀ ନିଯୁକ୍ତି ହୋଇନଥିବା ଯୋଗୁଁ ଛୋଟ ପିଲାମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି । ତେଣୁ ଅଙ୍ଗନବାଡିରେ ଖୁବଶୀଘ୍ର କର୍ମୀ ନିଯୁକ୍ତି କରିବାକୁ ଦାବି କରିଛନ୍ତି ଗ୍ରାମବାସୀ । ଅନ୍ୟପଟେ ତୁରନ୍ତ କିଭଳି କର୍ମୀ ନିଯୁକ୍ତି କରାଯିବ ସେନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ବୀରମହାରାଜପୁର ଉପଜିଲ୍ଲାପାଳ ।

## ଡବଲ ଇଞ୍ଜିନ ସରକାର, ଡବଲ ଦୁଃଖ ଦେଉଛି : ନବୀନ



ଭୁବନେଶ୍ୱର,୨୧।୨(ପି.ଏନ):। ଫେଲ୍ ମାରିଛି ଡବଲ ଇଞ୍ଜିନ ସରକାର। ଡବଲ ଇଞ୍ଜିନ ସରକାରର ବଜେଟ ବିପରୀତ ଦିଗରେ ଗତି କରୁଛି । କେବଳ ନାଁ ପରିବର୍ତ୍ତନ କରୁଛି । ଡବଲ ଇଞ୍ଜିନ ସରକାର ଡବଲ ଦୁଃଖ ଦେଉଛି। ବସ୍ତାନି ଭାରୀ, ପାଠ ଘର ଶୂନ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ବଜେଟ ଆଲୋଚ଼ନାରେ ଭାଗନେଇ ସେ କହିଛନ୍ତି- ବିଜେଡି ସମୟରେ ଓଡ଼ିଶା ଏକ ଉଚ୍ଚ ଅଭିବୃଦ୍ଧିସମ୍ପନ୍ନ ରାଜ୍ୟ ଥିଲା। ଡବଲ ଇଂଜିନ ସରକାରରେ ଅଭିବୃଦ୍ଧି ହାର ୧୦ରୁ ୮ ପ୍ରତିଶତକୁ ହ୍ରାସ ପାଇଛି। ରାଜ୍ୟର ରାଜସ୍ୱ ବଢାଇବାକୁ ସରକାରର କିଛି ବୁଦ୍ଧି ନାହିଁ। ଖୋଲା ମାର୍କେଟ ଋଣ ପରିମାଣ ୪୬ ହଜାର କୋଟି ଟଙ୍କା ହେଲାଣି। ରାଜସ୍ୱ ଅଭିବୃଦ୍ଧି ଲାଗି ବିଜେଡିକୁ ବିଜେପି ଧନ୍ୟବାଦ ଦେବା କଥା। ମେଟ୍ରୋ ଟ୍ରେନ ବଜେଟ କମାଯାଇଛି। ମିଶନ ଶକ୍ତି ମାଆ ଆଜି ରାଜରାସ୍ତାରେ। ଲକ୍ଷପତି ଦିଦିଙ୍କ ତାଲିକା ଗତ ବିଧାନସଭାରେ ମାଗିଥିଲି। ମିଶନ ଶକ୍ତି ଲାଗି ଅନୁଦାନ କମିଛି। ନବୀନ କହିଛନ୍ତି- ଚ଼ଳିତ ବଜେଟ ଗତ ବଜେଟ ତୁଳନାରେ ୨ ଲକ୍ଷ ୭୭ ହଜାର କୋଟିରୁ ୨ ଲକ୍ଷ ୯୦ ହଜାର କୋଟିକୁ ବୃଦ୍ଧି ପାଇଛି। ଏଥିରୁ ଜଣାପଡୁଛି ଯେ ରାଜ୍ୟ ସରକାରଙ୍କୁ ବଜେଟ ବାବଦରେ କୌଣସି ଧାରଣା ନାହିଁ ।






# ଖୁବଶୀଘ୍ର ବିବାହ କରିବେ ପୂଜା



**ସା**ଉଥ ଫିଲ୍ମ ଇଣ୍ଡଷ୍ଟ୍ରିରୁ ବଲିଉଡ୍ ପର୍ଯ୍ୟନ୍ତ ସବୁଠି ନିଜର ଦୃଢ଼ ଅଭିନୟ ଦକ୍ଷତା ପ୍ରମାଣ କରିଥିବା ପୂଜା ହେଗଡେ ମନୋରଞ୍ଜନ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀମାନଙ୍କ ମଧ୍ୟରୁ ଜଣେ। ପୂଜା ୨୦୧୪ରେ ବଲିଉଡ୍ ଅଭିନେତା ହ୍ରିତିକ ରୋଶନଙ୍କ ସହ ଫିଲ୍ମ ‘ମହେଞ୍ଜୋଦାରୋ’ ସହିତ ବଲିଉଡ୍ ଡେବ୍ୟୁ କରିଥିଲେ। ଏହି ଅଭିନେତ୍ରୀଙ୍କୁ ସଲମାନ ଖାନଙ୍କ ସହ ଶେଷ ଥର ପାଇଁ ଫିଲ୍ମ ‘କିସି କା ଭାଇ କିସି କି ଜାନ’ରେ ଦେଖିବାକୁ ମିଳିଥିଲା। ଫିଲ୍ମ ପରେ ଏବେ ପୂଜା ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। କୁହାଯାଉଛି ଯେ ଅଭିନେତ୍ରୀ ଖୁବଶୀଘ୍ର ବିବାହ କରିବେ। କିଛି ମାସ ତଳେ ରୋହନ ମେହରାଙ୍କ ସହ ନଜର ଆସିଥିଲେ ପୂଜା। ସେବେଠାରୁ ଦୁହେଁ ପରସ୍ପରକୁ ଡେଟ କରୁଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଏବେ ରୋହନ, ପୂଜାଙ୍କ ମାତାପିତାଙ୍କ ସହ ନଜର ଆସିବାରୁ ଦୁହେଁ ଖୁବଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ସମ୍ପର୍କ ଥିବା ନେଇ ଚର୍ଚ୍ଚା ହେବ ଆଶଙ୍କା କରି ରେସ୍ତୋରାଁ ବାହାରେ ରୋହନ, ପୂଜାଙ୍କ ସହ ଫଟୋ ଉଠାଇନଥିବା ବେଳେ ସେ ଏକାକୀ କ୍ୟାମେରା ଆଗରେ ପୋଜ ଦେଇଥିଲେ। ଏହା ସହ ପୂଜା ନିଜ ମାତାପିତାଙ୍କ ସହ ଫଟୋ ଉଠାଇଥିବା ଦେଖାଯାଇଥିଲା। ତେବେ ରୋହନ ମେହେରାଙ୍କ ବିଷୟରେ କହିବାକୁ ଗଲେ ସେ ଜଣେ ଅଭିନେତା । ସେ ୨୦୧୮ ରେ ଥ୍ରୀଲର ଫିଲ୍ମ ବାଜାର ସହିତ ବଲିଉଡରେ ଡେବ୍ୟୁ କରିଥିଲେ। ଏଥିରେ ତାଙ୍କ ସହ ଅଭିନୟ କରିଥିଲେ ସୈଫ ଅଲି ଖାନ, ରାଧିକା ଆପ୍ଟେ ଏବଂ ଚିତ୍ରାଙ୍ଗଦା ସିଂଙ୍କ। ରୋହନ ସ୍ୱର୍ଗତ ଅଭିନେତା ବିନୋଦ ମେହେରାଙ୍କ ପୁଅ, ଯିଏ ହିନ୍ଦୀ ସିନେମାରେ ଲୋକପ୍ରିୟ ଥିଲେ।

# ଛାଡ଼ପତ୍ର ପରେ ଚିନ୍ତାରେ ଚାରୁ



**ନି**କଟରେ ଚାରୁ ଅସୋପା ନିଜ କାମ ଛାଡ଼ିବା ପ୍ରସଙ୍ଗକୁ ନେଇ କହିଛନ୍ତି, ’ମୁଁ ମୋର ୨ବର୍ଷର ଝିଅ ପାଇଁ ସୋ’ ଛାଡ଼ିବା ପାଇଁ ବାଧ ହେଉଛି। କାରଣ ମୋ ଉପରେ ଅଧିକରୁ ଅଧିକ ଚାପ ରହୁଛି। କାମ ସହିତ ଘରକୁ ଦେଖିବା ଝିଅର ଯତ୍ନ ନେବା ଇତ୍ୟାଦି କାମ ଭାବିଥିଲି ତୁଲାଇ ଦେବି। କିନ୍ତୁ ସମୟ ସମୟରେ ସୁଟିଂରେ ଯାଇଥିବା ବେଳେ ଘରେ ଏମିତି ଜରୁରୀ ପରିସ୍ଥିତି ଥାଏ କି ସେଟରେ କାମକୁ ଅଧାରୁ ବନ୍ଦ କରି ଆସିବାକୁ ହୋଇଥାଏ। ଏହାଦ୍ୱାରା ସେଟରେ ଥିବା ଅନ୍ୟ ସଦସ୍ୟଙ୍କୁ ବି ଅସୁବିଧା ହୋଇଥାଏ। ମୁଁ ଚିନ୍ତା କଲି ଝିଅ ଜିୟାନାଙ୍କ ଯତ୍ନ ନେବା ସହିତ ସୋ’ କରି ହେବନାହିଁ। ଜିୟାନା ଏବେ ସବୁକିଛି ଅନୁକରଣ କରୁଛି ଏଭଳି ସ୍ଥିତିରେ ମୁଁ ତାକୁ ସେଟକୁ ନେଇ ଯିବା ଉଚିତ ଭାବୁ ନାହିଁ। ଏବେ ମୁଁ ମୋର ସମସ୍ତ ସମୟ ଜିୟାନାକୁ ଦେବାକୁ ସ୍ଥିର କରିଛି। କାରଣ ମୋ ଜୀବନରେ ଝିଅ ମୋର ପ୍ରଥମ ପ୍ରାଧାନ୍ୟ କାମ ପାଇଁ ମୁଁ ତାକୁ ଅବହେଳା କରି ପାରିବି ନାହିଁ। ଜଣେ ସିଙ୍ଗଲ ମଦର ହୋଇଥିବାରୁ ମୋତେ ଅନେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡୁଛି। ତେଣୁ କାମକୁ ଛାଡ଼ିବା ନିଷ୍ପତି ନେବା ପାଇଁ ମୋତେ ୬ମାସର ସମୟ ଲାଗି ଯାଇଛି। ଜାଣିଛି ଏଭଳି ନିଷ୍ପତି ହେତୁ ଆଗକୁ ଯାଇ ମୋତେ ଆର୍ଥିକ ସମସ୍ୟା ଦେଖା ଦେଇପାରେ। କିନ୍ତୁ ଝିଅ ପାଇଁ ସବୁକିଛି ସମସ୍ୟାର ସାମ୍ନା କରିବାକୁ ସ୍ଥିର କରିଛି। ଘରେ ରହି କଂଟେଟ୍ କ୍ରିଏଟର, ୱେବ ସିରିଜ ଆଦି କାମ କରିବାର ଯୋଜନା ରହିଛି। ଚାରୁ ଅସୋପାଙ୍କ ବିବାହ ୨୦୧୯ରେ ସୁଶ୍ମିତା ସେନଙ୍କ ଭାଇ ରାଜୀବ ସେନଙ୍କ ସହିତ ହୋଇଥିଲା। ୨୦୦୩ରେ ଚାରୁ ଓ ରାଜୀବଙ୍କ ଛାଡ଼ପତ୍ର ହୋଇଯାଇଥିଲା।



# ଡିପଫେକ ଭିଡିଓ ଭାଇରାଲ, ଏତଲା ଦେଲେ ରଣବୀର

**ଡି**ପଫେକ ଭିଡିଓ ଭାଇରାଲ ହେବା ପରେ ଏତଲା ରୁଜୁ କଲେ ବଲିଉଡ ଅଭିନେତା ରଣବୀର ସିଂ। ରଣବୀର ସିଂଙ୍କ ମୁଖପାତ୍ର ଏହି ଖବରକୁ ନିଶ୍ଚିତ କରିଛନ୍ତି । ଯେଉଁ ଆକାଉଂଟରୁ ଭିଡିଓଟି ସେୟାର କରାଯାଇଥିଲା ସେହି ଆକାଉଂଟ ବିରୋଧରେ ରଣବୀର ଏତଲା ରୁଜୁ କରିଥିବା ସାମ୍ନାକୁ ଆସିଛି । ସୂଚନା ମୁତାବକ, ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପୂର୍ବରୁ ବଲିଉଡ ଅଭିନେତା ରଣବୀର ସିଂଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା ଯେଉଁଥିରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରୁଥିବା ଦେଖାଯାଇଥିଲା। ପରେ ଭିଡ଼ିଓଟି ନକଲି ଓ ଡିପଫେକ କରାଯାଇଥିବା ଜଣାପଡିଥିଲା । ଏନେଇ ଅଭିନେତାଙ୍କୁ ଟ୍ରୋଲ କରାଯିବାରୁ ସେ ଏତଲା ରୁଜୁ କରିଥିବା ଜଣାପଡିଛି। ମୂଳ ଭିଡିଓରେ ରଣବୀର ସିଂ ବାରାଣସୀ ବୁଲିବା ପରେ ନିଜର ଅଭିଜ୍ଞତା ସେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକଙ୍କୁ ଐତିହ୍ୟ ସହ ଯୋଡିବାର ଉଦ୍ଦେଶ୍ୟ ବିଷୟରେ ବୁଝାଉଥିଲେ। ହେଲେ ଡିପଫେକ ହୋଇଥିବା ଭିଡିଓରେ ସେ ତାହାର ଠିକ ବିପରୀତ କଥା କହୁଥିବା ଦେଖିବାକୁ ମିଳିଥିଲା। ସେ କହୁଥିଲେ ଯେ, “ଦେଶରେ ଥିବା ବିଭିନ୍ନ ସମସ୍ୟା ପାଇଁ ମୋଦୀଜୀ ଦାୟୀ । ଯେଉଁମାନେ ଦେଶ ବିଷୟରେ ଚିନ୍ତା କରନ୍ତି ସେମାନେ ନ୍ୟାୟ ପାଇଁ ଭୋଟ୍ ଦେବେ। ନ୍ୟାୟ ପାଇଁ ଭୋଟ୍ ଦିଅ, କଂଗ୍ରେସକୁ ଭୋଟ୍ ଦିଅ।”

# ‘ସମୟ ଅତ୍ୟନ୍ତ ମୂଲ୍ୟବାନ, ଠିକ୍ ଭାବେ ବ୍ୟବହାର କରାଯିବା ଉଚିତ୍’

**ବ**ଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଆମୀର ଖାନଙ୍କ ମଜାଳିଆ ଶୈଳୀ ଆଗାମୀ ଦିନରେ ‘ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ’ରେ ଦେଖିବାକୁ ମିଳିବ। ଦୀର୍ଘଦିନର ଅପେକ୍ଷା ପରେ ଶେଷରେ ଆମୀର ଖାନ କମେଡି ସୋରେ ଅତିଥି ଭାବରେ ଯୋଗ ଦେବେ। ‘ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ’ର ଏକ ନୂଆ ପ୍ରୋମୋ ସାମ୍ନାକୁ ଆସିଛି। ଯେଉଁଥିରେ ଆମୀର ଖାନ୍ ତାଙ୍କ ପିଲାମାନଙ୍କ ବିଷୟରେ କହିବା ସହ ପୁରସ୍କାର ସୋ’, ଚଳଚ୍ଚିତ୍ର ଏବଂ ବିବାହ ବିଷୟରେ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି। ‘ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ’ର ପ୍ରମୋରେ ଆମୀର ଖାନ୍ କପିଲ ଶର୍ମା ଏବଂ ତାଙ୍କ ସହିତ ଥିବା ସଦସ୍ୟଙ୍କ ସହ ବହୁତ ମଜା କରୁଥିବା ଦେଖିବାକୁ ମିଳିଛି। ଏଥିରେ ପ୍ରଶ୍ନ ଏବଂ ଉତର ସେକସନ ସମୟରେ ଅର୍ଚ୍ଚନା ପୁରନ ସିଂ ଆମୀରଙ୍କୁ ପଚାରିଛନ୍ତି ଯେ ଆପଣ ପୁରସ୍କାର ପାଇବାକୁ କାହିଁକି କୌଣସି ପୁରସ୍କାର ବିତରଣ ଉତ୍ସବକୁ ଯାଉନାହାଁନ୍ତି ? ଏହାର ଉତରରେ ଆମୀର ଖାନ କହିଛନ୍ତି– ‘ସମୟ ଅତ୍ୟନ୍ତ ମୂଲ୍ୟବାନ, ଏହାକୁ ସଠିକ୍ ଭାବରେ ବ୍ୟବହାର କରାଯିବା ଉଚିତ୍।’ ଏଥିସହିତ ସିନେମା ନିର୍ମାଣକୁ ନେଇ କପିଲଙ୍କ ପ୍ରଶ୍ନର ଉତର ଦେଇ ଅମୀର କହିଛନ୍ତି, ‘ମୁଁ କିଛିଦିନ ତଳେ ଦୁଇଟି ସିନେମା ନିର୍ମାଣ କରିଥିଲି। କିନ୍ତୁ ତାହା ଚାଲିଲା ନାହିଁ।’ ଅମୀରଙ୍କ ଠାରୁ ଏଭଳି କଥା ଶୁଣି କପିଲ କହିଥିଲେ, ‘ଅମୀର ସାର ଆପଣଙ୍କ ସିନେମା ନଚାଲିଲେ ବି ଭଲ ବ୍ୟବସାୟ କରିଥାଏ।’






# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା । ଏହାର ପ୍ରଥମ ଧାରାରେ କୁହଯାଇଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ । ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର । ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ । ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧ଠାରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି । ଫଳରେ ସେମାନେ ବିଦ୍ୟାଳୟ ଯିବେ । ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ । ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି ।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ । ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ





ନାହିଁ । ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ । ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ । ଏମାନଙ୍କୁ ୬-୧୪ବର୍ଷ ମଧ୍ୟରେ ଶିଶୁ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି । ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁଯାୟୀ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି । ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି । ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା,



ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ । ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି । ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି । ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି । ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି ।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି । ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି । ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି । ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି । ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି



ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି ।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ । ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ । ତା'ତଳକୁ ଥିଲା ମୟୁରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ । ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି ।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ତେଜରାତି



ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି । ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି । ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ । ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ । ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି । ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି ।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ । ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର । ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର ।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର । ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର ।

# ନିଆରା ମଣିଷଙ୍କ ଭିନ୍ନ ପ୍ରୟାସ



ଭାପୁର,(ପି.ଏନ): 'ବିଶ୍ୱ କର୍କଟ ଦିବସ ' ଅବସରରେ ଜଣେ ନିଆରା ମଣିଷଙ୍କର ଭିନ୍ନଢ଼ଙ୍ଗରେ ସଚେତନତାର ବା । ଖୁବ ପ୍ରଶଂସା ଲାଭ କରିଥିଲା । ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସେବା ନିବୃତ ସ୍ୱାସ୍ଥ୍ୟ ପରିଦର୍ଶକ ଶ୍ରୀଯୁକ୍ତ ନାରାୟଣ ଶୁକ୍ଳ ନିଜ ଆୟୋଜନରେ ଏକ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ । ସ୍ୱରଚିତ ଗୀତକୁ ଲୋକଗୀତ ତାଳରେ ନାଟକୀୟ ଢଙ୍ଗରେ ପରିବେଷଣ ଖୁବ ମନଛୁଆଁ ହୋଇଥଲା । ଗୀତ ଛଳରେ କର୍କଟ ରୋଗର କାରଣ ଓ ପ୍ରକାର ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ଢେର ଆଦୃତ ହୋଇଥିଲା । ପରିବେଷଣରେ ଅନୁପ୍ରାଣିତ ହୋଇ ଉପସ୍ଥିତ କିଛି ଯୁବକ ଆଉ ମାଦକ ଦ୍ରବ୍ୟ ସେବନ ନକରିବା ପାଇଁ ପ୍ରତସୃତି ଦେଇଥିଲେ । ଗତ ୨୫/୦୧/୨୦୨୫ ତାରିଖରେ ଭୁବନେଶ୍ୱର ଠାରେ କର୍କଟ ସମ୍ପର୍କରେ ହୋଇଥିବା କବିତା ପାଠୋତ୍ସବରେ ଯୋଗଦେବା ଅବସରରେ ଶ୍ରୀଯୁକ୍ତ ଶୁକ୍ଳ ଏମସ ର ଡାକ୍ତର ସରୋଜ କୁମାର ଦାଶ ମଜୁମଦାରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏ ଭିନ୍ନ ପ୍ରୟାସ କରିଥିଲେ । କେବଳ ଏଇ ଗୋଟିଏ ନୁହେଁ, ବିଭିନ୍ନ ସମୟରେ ସେ ମହାଶୟ କେତେବେଳେ ଚ଼କୁଳିଆ ପଣ୍ଡା ତ କେତେବେଳେ ପାଲା ଦଳ ନେଇ ଏମିତି ସଚେତନତା କାର୍ଯ୍ୟକ୍ରମ କରି ଉଚ୍ଚ ପ୍ରଶଂସିତ ହୁଅନ୍ତି । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ଶ୍ରୀମତୀ ସୁଲୋଚ଼ନା ବାରିକ ଓ ଆଶା ଦିଦି ଉଲ୍ଲାସ ବେହେରା ତାଙ୍କୁ ସହାୟତା କରିଥିଲେ । ବାସ୍ତବରେ ଶୁକ୍ଳ ମହାଶୟ ଙ୍କ ପ୍ରୟାସ ସମାଜ ସଂସ୍କାର ପାଇଁ ଢେର ଉପଯୋଗୀ ।

# ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉଦଯାପିତ

ଭବାନୀପାଟଣା,(ପି.ଏନ): ଶାନ୍ତିକୁଞ୍ଜ ହରିଦ୍ୱାରର ପ୍ରତ୍ୟକ୍ଷ ତତ୍ୱାବଧାନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କଲମପୁର ଶାଖା ପକ୍ଷରୁ ଗାୟତ୍ରୀ ପୀଠରେ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆଜି ଉଦଯାପିତ ହୋଇଯାଇଛି, ରବିବାର ଦିନ ଗାୟତ୍ରୀ ପରିବାରର ସମସ୍ତ ସଦସ୍ୟ କଳସ ଧରି ଗୋପୀସାଗର ପୋଖରୀରୁ ଜଳ ଧରି ପୀଠରେ ସ୍ଥାପନ କରିଥିଲେ, ଏହି କାର୍ଯ୍ୟକ୍ରମ ରବିବାର ଠାରୁ ଆରମ୍ଭ ହୋଇ ଆଜି ମଙ୍ଗଳବାର ଦିନ ଉଦଯାପିତ ହୋଇଯାଇଛି । ଏଥିରେ ବିବାହ, ମୁଣ୍ଡନ, କୁଣ୍ଡାବରି, ଯଜ୍ଞପବିତ, ନାମକରଣ, ଅନ୍ନପ୍ରାସନ, ପୁଂଶବନ,ଆଦି ବିଭିନ୍ନ ପ୍ରକାରର ସଂସ୍କାର କାର୍ଯ୍ୟକ୍ରମ ରହିଥିବା ବେଳେ ମୁଣ୍ଡନ୩୬ ଜଣ,କୁଣ୍ଡାବରି ୨ ଜଣ,ଦୀକ୍ଷା ୧୩ ଜଣ,ବ୍ରତ ଜଣେ, ବିଦ୍ୟାରମ୍ଭ ଜଣେ, ଅନ୍ନପ୍ରାସନ ଜଣେ ଗ୍ରହଣ କରିଥିଲେ, ଏହି ଅବସରରେ କଥାବାଚ଼କ ଭୁବନେଶ୍ୱର ଥାପା,ଭରତ ନାଗ, ବାବୁଲାଲ ବିଶି, ପୂର୍ଣ୍ଣିମା ନାଗଙ୍କ ଦ୍ୱାରା ପ୍ରଜ୍ଞା ପୁରାଣ କଥା ପ୍ରବଚ଼ନ ହୋଇଥିଲା ,ଏହାକୁ ଗାୟତ୍ରୀ ପରିବାରର ସକ୍ରିୟ ସଦସ୍ୟ ଦିଲିପ ଗୁପ୍ତା, ଶଶାଙ୍କ ପଣ୍ଡା, ଧନଞ୍ଜୟ ପଣ୍ଡା, ହିମାଂଶୁ ପଣ୍ଡା, ମହାଦେବ ବେହେରା, ବିଜୟ ଗୁପ୍ତା, କୃଷ୍ଣ ପଣ୍ଡା ବନମାଳୀ ରାଉତ, ପୂର୍ଣ୍ଣଚ଼ନ୍ଦ୍ର ପଣ୍ଡା,ଦର୍ଶନ ଗୁପ୍ତା, ସଞ୍ଜୟ ଗୁପ୍ତା ପ୍ରମୁଖ ସହଯୋଗ କରିଥିବା ବେଳେ ସତ୍ୟ ଶର୍ମା ପ୍ରେମ ଲାଲ ଶର୍ମା ପ୍ରସାଦ ସେବନ କରାଇଥିବା ବଢ଼ିଲେ ଶ୍ରଦ୍ଧାଳୁ ମାନେ ଏହି ପବିତ୍ର କାର୍ଯ୍ୟରେ ଯୋଗ ଦେଇ ସଫଳ କରିଥିଲେ ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ । ବାସ୍ତବରେ ଯିବାଟା ହିଁ ସତ୍ୟ । ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ । ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ । ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ । ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱତି ହିଁ କାନ୍ଦୁଥିଲା । ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ । ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ । ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ । ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ । ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି । ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି । ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର । ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି । ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି । ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ଘରଣୀ ହିଁ ଘରର ସୁନାମ ପଛରେ ଥାଏ । ନାରୀ ତ୍ୟାଗସ୍ୱରୂପିଣୀ ଅଟେ । ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର । ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା । ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା ।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା । ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ । ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ । ନାରୀଙ୍କ ସ୍ଥାନ ସର୍ବଦା ଆଗରେ । ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି । ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି । ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି । ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ । ନାରୀ ବିନା ସଂସାର କଳ୍ପନା ବୃଥା । ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା । ନର, ନାରୀ ଏକ ରଥର ଦୁଇ ଚକ । ଏକ ଶରୀରର ଦୁଇପାଦ । ଏକ ମୁଖର ଦୁଇ ନେତ୍ର । ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ । ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ । ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା । ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି – 'ଅୟଜ୍ଞୋ ବା ଏଷ ପୋ ପତ୍ନୀକଃ ।। ' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ । ନାରୀ ସର୍ବଦା କଲ୍ୟାଣକାରୀ । ସେ ପୂଜ୍ୟା । ଗୃହର ଦୀପ୍ତି । ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ – ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି – 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ । ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି । ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି । ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା' । ତେଣୁ ଉପନିଷଦରେ ବର୍ଣ୍ଣନା ଅଛି – ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ । ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ । ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ । ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି । ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ । ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର । ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ । ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ । ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି । ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ । ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ ।

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)– ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ । ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟାୟ, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ । ଶେଷରେ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧ୍ୟକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧ୍ୟକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୂରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୨୨

# ପ୍ରଶ୍ନୋତ୍ତରୀ



ଅନୀତା ପଟ୍ଟନାୟକ

ମୋର ଜଣେ ବାନ୍ଧବୀ ବିଦେଶରେ ରୁହେ। ତାର ନାମ ଆକାଂକ୍ଷା। ସେ ମତେ ଦିନ ଫୋନ ଜରିଆରେ ପଚାରିଲା ଯେ ଆମେ କୌଣସି ଗୁରୁଜନଙ୍କୁ ପ୍ରଣାମ କଲେ ସେମାନେ ଆମକୁ ଦୀର୍ଘାୟୁ ହୁଅ, ତୁମର ଜୀବନ ସୁସ୍ଥ ହେଉ ବୋଲି ସାଧାରଣତଃ କହିଥାନ୍ତି। ନୂତନ ବିବାହ କରିଥିବା ଝିଅ ମାନଙ୍କୁ ପୁତ୍ରବତୀଭବ ଓ ପୁଅ ମାନଙ୍କୁ ଯଶସ୍ୱୀ ଭବ ଏପରି ବିଭିନ୍ନ ପ୍ରକାର ଆଶୀର୍ବାଦ ବିଭିନ୍ନ ଗୁରୁଜନମାନେ ଦେଇଥାନ୍ତି। କେହି କିନ୍ତୁ ଆଧ୍ୟାତ୍ମିକ ଜୀବନରେ ସଫଳତା ପାଇଁ ଆଶୀର୍ବାଦ ଦେଇନଥାନ୍ତି ଏହାର କାରଣ କ'ଣ ?

ମୁଁ ବଡ଼ ଅଡୁଆରେ ପଡ଼ିଗଲି। ଭାବିଲି ମୋର ବାନ୍ଧବୀଟି ବିଦେଶରେ ଥିଲେ ମଧ୍ୟ ମତେ ମନେରଖି ଆଧ୍ୟାତ୍ମିକ ଜୀବନ ବିଷୟରେ ପଚାରୁଛି। ଭାବିଲି ଏହାର କଣ ଉତ୍ତର ଦେବି ? କିଛି ଦିନ ଚିନ୍ତାକରି ତାକୁ ତାର ପ୍ରଶ୍ନର ଏକ ଉତ୍ତର ଲେଖିଥିଲି। ଆଜି ପର୍ଯ୍ୟନ୍ତ ଜାଣିନାହିଁ ସେ ଉତ୍ତରଟି ଠିକ କି ଭୁଲ। ଏହାକୁ ସାର୍ବଜନୀନ କରିବି ବୋଲି ଭାବି ଏକଥାଟି ଲେଖୁଛି। ତାକୁ ମୁଁ ଲେଖିଥିଲି ଦୀର୍ଘ ଜୀବନ ହେଲେ ଜଣେ ଆଧ୍ୟାତ୍ମିକ ସାଧନା ସୁରୁଖୁରୁରେ କରିପାରିବ। ଶରୀର ସୁସ୍ଥ ରହିଲେ ଯାହାକି ଗୋଟିଏ ଗାଡ଼ି ପରି ତାହାକୁ ଆମେ ଲକ୍ଷ୍ୟ ସ୍ଥଳରେ ପହଁଞ୍ଚାଇ ପାରିବା। ଏକ ଆଧ୍ୟାତ୍ମିକ ଜୀବନ ହିଁ ମଣିଷ ଜୀବନର ମୂଳ ଲକ୍ଷ୍ୟ। ଆଧ୍ୟାତ୍ମିକ ଜୀବନ ଯାତ୍ରା ହେଉଛି ଏକ ଶାଶ୍ୱତ ଯାତ୍ରା। ଆଜିକାଲି ଅନେକ ଗୁରୁ ଆଧ୍ୟାତ୍ମିକ ସାଧନାକୁ ଧନ ସହିତ ଯୋଡ଼ି ଥିବାରୁ ଏପରି ଆଶୀର୍ବାଦ ଆମକୁ ମିଳିଛି। କିନ୍ତୁ ପ୍ରକୃତ ଗୁରୁ କେବେ ଧନ ଗ୍ରହଣ କରେନା। ସେ କେବଳ ଦେବା ଶିଖାଏ, ନେବା ନୁହେଁ। ତାର ଅଜବ ଗଜବ ପ୍ରଶ୍ନ ଭାରି ଭଲ ଲାଗେ। ଦିନେ ସେ ମତେ ପଚାରିଲା ଭାରତରେ କୋଟି କୋଟି ଲୋକ ମହାକୁମ୍ଭରେ ସ୍ନାନ କରିବାକୁ ଯାଉଛନ୍ତି। ଏସବୁ କଣ ଆଧ୍ୟାତ୍ମିକ ସାଧନା ?

ପୁଣିଥରେ ଅଡୁଆରେ ପଡ଼ି ମୁଁ ଉତ୍ତରଟି ଲେଖିଥିଲି ଠିକ କି ଭୁଲ ମୁଁ ଜାଣେନି। ମୁଁ ତାକୁ ଉତ୍ତରରେ ଲେଖିଲି ଆମେ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ ପାଳନ କରୁ। ଆମେ ଜାତୀୟ ପତାକା ତଳେ ଠିଆ ହୋଇ ସମ୍ମାନ ପ୍ରଦର୍ଶନ କରୁ। ଦେଶ କହିଲେ କ'ଣ ସେହି କନା ଖଣ୍ଡକୁ ବୁଝାଏ ? ଆମେ ସମ୍ମାନର ସହିତ ଜାତୀୟ ପତାକାକୁ ସମ୍ମାନ ଦେଇଥାଉ। କନା ଭାବରେ ନୁହେଁ ସେ କନାଟି ଆମର ଦେଶ ଓ ଜାତିର ଗୌରବର ଚିହ୍ନ ବୋଲି ଭାବିଥାଉ ଓ ଦେଶାତ୍ମବୋଧର ଭାବନା ଆମ ମନରେ ଜାଗ୍ରତ ହୁଏ। ଆମେ କହିଥାଉ ଏହା ଆମ ମାତୃଭୂମିର ଚିହ୍ନ।

ସେ ଆଉ ଦିନେ ଆଉ ଏକ ଅଜବ ପ୍ରଶ୍ନ କରି ମତେ ପଚାରିଲା ଭାରତରେ ସବୁ ପୂଜାପାଠରେ ଏତେ ନଡ଼ିଆ କାହିଁକି ପୂଜା କରାଯାଏ ଓ ଭଙ୍ଗାଯାଏ ? ସେ କହିଲା ଗତ ଥର ଯେତେବେଳେ ମୁଁ ଓଡ଼ିଶା ଯାଇଥିଲି ସେତେବେଳେ ମୁଁ ଦେଖିଥିଲି ନାଳିକନା ଗୁଡ଼ାଇ ଦେବୀ ପୀଠରେ ନଡ଼ିଆ ପୂଜା କରାଯାଉଛି ଓ ନଡ଼ିଆକୁ ବସ ଜରିଆରେ ଦେବୀପୀଠ ପାଖକୁ ପଠାଯାଉଛି। ଏମିତି ଗୋଟେ ପ୍ରଶ୍ନର କ'ଣ ଉତ୍ତର ଦେବି ଭାବି ମୁଁ ତାକୁ ଚିଠିରେ ଲେଖିଲି ନଡ଼ିଆକୁ ଭୋଗରେ ପରିଣତ କରିବାକୁ ହେଲେ ପ୍ରଥମେ ତାର କତାକୁ ଛଡ଼ାଇବାକୁ ପଡ଼େ। ନଡ଼ିଆର କତା ହେଉଛି ମନୁଷ୍ୟ ଭିତରେ ଥିବା ପଶୁତ୍ୱଭାବ ତାକୁ ଅନ୍ୟ ଅର୍ଥରେ କହିବାକୁ ହେଲେ ତାହା ହେଉଛି ତାମସିକ ଭାବ। କତା ଛଡ଼ାଇବା ପରେ ନଡ଼ିଆର ଟାଣ ଅଂଶଟି ଆସେ। ଟାଣ ଅଂଶଟି ଭାଙ୍ଗିଲେ ନଡ଼ିଆ ଭିତରେ ଥିବା ପବିତ୍ର ଜଳ ଓ ଧଳାଅଂଶ ପାଖରେ ମନୁଷ୍ୟ ପହଞ୍ଚେ। ଆମର ଆକାଂକ୍ଷା, ଆମର କାମନା ବାସନା, ଆମର ଭାବବେଗ ଏସବୁ ରାଜସିକ ଲକ୍ଷଣ। ନଡ଼ିଆଟିକୁ ଫଟାଇବା ପରେ ଏକ ଧଳା ଅଂଶ ପ୍ରତୀୟମାନ ହୁଏ। ଯାହାକି ଶାନ୍ତି ଶୁଦ୍ଧତା, ସତ୍ୟ ଓ ପ୍ରେମକୁ ବୁଝାଏ। ଉକ୍ତ ଧଳାଅଂଶଟି ସାତ୍ତ୍ୱିକ ଗୁଣର ପରିଚୟ ଦିଏ ଓ ତା ଭିତରେ ଥିବା ମିଠା ପାଣି ଦିବ୍ୟତ୍ୱର ଚିହ୍ନ ସ୍ୱରୂପ ଥାଏ। ଯାହାକୁ ପୂଜା ସମୟରେ ନାରିକେଳ ଫଳୋଦକଂ ସମର୍ପୟାମି କହି ଆମର ଆରାଧ୍ୟ ଦେବତାଙ୍କୁ ଅର୍ପଣ କରୁ। ତେଣୁ ଆମର ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ରୀତିନୀତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଅନେକେ ଏହାକୁ ନ ବୁଝି ଯନ୍ତ୍ରଚାଳିତ ମେସିନ ଭଳି କାମ କରିଥାନ୍ତି। ଭାରତୀୟ ସଂସ୍କୃତି ଓ ଐତିହ୍ୟରେ ପ୍ରତ୍ୟେକ ରୀତିନୀତିର ଗୁଢ଼ ରହସ୍ୟ ରହିଅଛି। ସେ ମୂଲ୍ୟବୋଧକୁ ବିଚାରକୁ ନେଇ ପୂଜାର୍ଚ୍ଚନା କରିବା ହିଁ ପ୍ରକୃତ ଆଧ୍ୟାତ୍ମିକ ସାଧନା। ମୁଁ ଜାଣେନାହିଁ ଏ ଉତ୍ତରଟି ଠିକ ଥିଲା ନା ନାହିଁ। ଏହାକୁ ତର୍ଜମା କରିବାର ଭାର ମୋର ଶ୍ରଦ୍ଧେୟ ପାଠକ ପାଠିକା ମାନଙ୍କୁ ଦେଲି।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,*
*ସେକ୍ଟର-୧୦, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ହୋମ ଲୋନ ପାଇଁ ଚାର୍ଜ



ଡକ୍ଟର ତପନ କୁମାର ପାଳ

ଆମେ ଘରଟିଏ କରିବାର ସ୍ୱପ୍ନ ପୂରଣ ପାଇଁ ଟଙ୍କା ସଞ୍ଚୟ କରୁ। ଅନେକ ଲୋକଙ୍କର ଜୀବନରେ ବଡ଼ ପ୍ରାପ୍ତି ଓ ଆନନ୍ଦ ଥାଏ ଏକ ସ୍ୱପ୍ନର ଘର ତିଆରି କରିବା ପାଇଁ। ହେଲେ ଅନେକ ସମୟରେ ଟଙ୍କା ଅଭାବ ଯୋଗୁଁ ଗୃହଋଣ କରିବାକୁ ପଡ଼େ, ଯଦି ଆପଣ ଗୃହଋଣ ନେବା ବିଷୟରେ ଭାବୁଛନ୍ତି, ତେବେ ନିୟମ ଓ ସର୍ତ୍ତାବଳୀ ବ୍ୟତୀତ, ଋଣ ନେବା ସମୟରେ ଆପଣଙ୍କୁ କେଉଁ ଅତିରିକ୍ତ ଚାର୍ଜ ଗୁଡ଼ିକ ଦେବାକୁ ପଡ଼ିବ ଜାଣିବା ଆବଶ୍ୟକ।

ସର୍ବପ୍ରଥମେ ଜାଣନ୍ତୁ ଏ ନେଇ ଆପ୍ଲିକେସନ ଚାର୍ଜ ବ୍ୟବସ୍ଥାଟି କ'ଣ ? ଜଣେ ଋଣ ଆବେଦନ କରିବାବେଳେ ଆପଣଙ୍କୁ ଏହି ଚାର୍ଜ ଦେବାକୁ ପଡ଼ିବ। ଋଣ ନ ମିଳିଲେ ବି ଏହି ଶୁଳ୍କ ଫେରସ୍ତଯୋଗ୍ୟ ନୁହେଁ। ତେଣୁ ଆବେଦନ ପୂର୍ବରୁ ଆପଣ କେଉଁ ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାରୁ ଋଣ ନେବାକୁ ଚାହୁଁଛନ୍ତି, ତାହା ପ୍ରଥମେ ନିଶ୍ଚିନ୍ତ କରିବା ଉଚିତ। ଏଥିପାଇଁ ଓକିଲଙ୍କ ଫିସ ଗ୍ରାହକ ନିଜେ ପ୍ରଦାନ କରନ୍ତି। ଯଦି ଆପଣ ଆଇନଗତ ଫି ସଞ୍ଚୟ କରିବାକୁ ଚାହାନ୍ତି, ତେବେ ଆପଣ ପୂର୍ବରୁ ଜାଣିବା ଉଚିତ ଯେ ଆପଣ ଯେଉଁ ପ୍ରକଳ୍ପରେ ନିବେଶ କରୁଛନ୍ତି ତାହା କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ସଂସ୍ଥାଠୁ ଅନୁମୋଦନ ପାଇଛି କି ନାହିଁ। ଅନେକ ହୁଏତ ଜାଣି ନଥିବେ ତେବେ ଏହି ହୋମଲୋନ ବ୍ୟବସ୍ଥାରେ ପ୍ରିପେମେଣ୍ଟ ଚାର୍ଜ ବ୍ୟବସ୍ଥା ବି ରହିଛି। କେବେକେବେ ଆମେ ଧାର୍ଯ୍ୟ ସମୟ ପୂର୍ବରୁ ଋଣ ପରିଶୋଧ କରିବା ପାଇଁ, ଋଣର ଏକ ଅଂଶ ପୈଠ କରିଥାଉ। ଏହାକୁ ପ୍ରିପେମେଣ୍ଟ କୁହାଯାଏ। ଏହି ପରିସ୍ଥିତିରେ ବ୍ୟାଙ୍କ ଏହାର ଖର୍ଚ୍ଚ ଓ ସୁଧ ହାର କ୍ଷତି ଭରଣା କରିବା ପାଇଁ ପ୍ରିପେମେଣ୍ଟ ଚାର୍ଜ କିମ୍ବା ଜରିମାନା ଆଦାୟ କରେ। ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନରେ ଏହି ଦେୟ ଭିନ୍ନ। ବ୍ୟାଙ୍କିଙ୍ଗ କ୍ଷେତ୍ରରେ କମିଟମେଣ୍ଟ ଫିସ ବ୍ୟବସ୍ଥା ରହିଛି। ଅନେକ ବ୍ୟାଙ୍କ ଗ୍ରାହକଙ୍କ ଠାରୁ କମିଟମେଣ୍ଟ ଫିସ ଆଦାୟ କରନ୍ତି। ଗ୍ରାହକ ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ ନକଲେ ଏହି ଶୁଳ୍କ ଆଦାୟ କରାଯାଏ। ତେବେ ଗୁରୁତ୍ୱପୂର୍ଣ୍ଣ କଥାଟି ଯାହାକି ଋଣ ନେଉଥିବା ଲୋକମାନଙ୍କର ଅତ୍ୟନ୍ତ ଜରୁରୀ କଥା ତାହା ହେଉଛି ଆବେଦନ ପୂର୍ବରୁ ବିଭିନ୍ନ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନର ସୁଧହାର ଓ ଆର୍ଥିକ ସୁବିଧାଗୁଡ଼ିକୁ ତୁଳନା କରନ୍ତୁ। ବଜେଟ ଅନୁସାରେ ଋଣ ନିଅନ୍ତୁ। ଅଧିକ ଋଣ ନେଲେ ପରିଶୋଧରେ ଅସୁବିଧା ହୋଇପାରେ। ଆର୍ଥିକ ସମସ୍ୟା ଏଡ଼ାଇବା ପାଇଁ ଆବେଦନ ପୂର୍ବରୁ ସୁଧହାର ଓ ସଞ୍ଚୟ ଆଦି ହିସାବ କରନ୍ତୁ। ଋଣ ଚୁକ୍ତିନାମା ସ୍ୱାକ୍ଷର କରିବା ପୂର୍ବରୁ ଋଣର ନିୟମ ଓ ସର୍ତ୍ତାବଳୀକୁ ଭଲଭାବେ ପଢ଼ନ୍ତୁ ଓ ବୁଝନ୍ତୁ। ବ୍ୟାଙ୍କରୁ ଲୋନ ନେଲାବେଳେ ଉପରୋକ୍ତ ଦିଗ ଗୁଡ଼ିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭାବେ ଓ ଭଲ ଭାବେ ବୁଝନ୍ତୁ ଏବଂ ଏହାପରେ ଲୋନ ନେବା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତୁ। କୌଣସି ସୋସିଆଲ ମିଡ଼ିଆର ତଥ୍ୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ନ ବୁଝି ନିଷ୍ପତ୍ତି ନିଅନ୍ତୁ ନାହିଁ। କାରଣ ଏହା ପରବର୍ତ୍ତୀ ସମୟରେ ଆପଣଙ୍କୁ ଅସୁବିଧାରେ ପକାଇପାରେ। ଅନେକ ଲୋକ ବିଭ୍ରାନ୍ତର ଶିକାର ହୋଇ ପରବର୍ତ୍ତୀ ସମୟରେ ଅନେକ ଅସୁବିଧା ଓ ସମସ୍ୟାକୁ ସାମ୍ନା କରିଥାନ୍ତି। ତେଣୁ ହୋମଲୋନ ସମ୍ପର୍କରେ ଆପଣଙ୍କ ନିକଟସ୍ଥ ବ୍ୟାଙ୍କ ସହ ଭଲ ଭାବେ ବୁଝି ଏ କ୍ଷେତ୍ରରେ ନିଷ୍ପତ୍ତି ନେବା ଜରୁରୀ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ,
ଷ୍ଟାଫ କଲୋନୀ, ଦେଉଳ ସାହି,
ତୁଳସୀପୁର, କଟକ

# ସୁଖ ଆଉ ସନ୍ତୋଷ କାହାକୁ କହିବା ?



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସଂସାରର ଜଞ୍ଜାଳରେ ମଣିଷଟି ଯେତେବେଳେ ଦୁଃଖକୁ ସାମ୍ନା କରେ ସଂସାରର ଜଞ୍ଜାଳରେ ଶରୀର ଯେତେବେଳେ ଅବଶ ହୋଇପଡ଼େ ଓ ମନରେ ପ୍ରବଳ ଉଦବେଗ ସୃଷ୍ଟି ହୁଏ ସେତେବେଳେ ନିଜ ଇଷ୍ଟ ବା ଠାକୁରଙ୍କ ସମ୍ମୁଖରେ ଛିଡ଼ା ହୋଇ ତାଙ୍କର ପାଦତଳେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିଦିଏ। ଏହା କଲାଫଳରେ ତା ମନରେ ବିଶ୍ୱାସ ସୃଷ୍ଟି ହୁଏ ଏବଂ ନିଜକୁ ନିଜ କର୍ମକ୍ଷେତ୍ରରେ ପୁନର୍ବାର ବ୍ୟସ୍ତ କରିରଖିବାର ଶକ୍ତି ପାଇଥାଏ। ଏ ସଂସାର ହେଉଛି କ୍ଷଣସ୍ଥାୟୀ। ମାୟାର କବଳରେ ପଡ଼ି ଜୀବାତ୍ମା ନିଜର ଅସଲ ଲକ୍ଷ୍ୟକୁ ଭୁଲି ଯାଉଛି। ଅହଂ ଭାବରୁ ମୁକ୍ତ ଥିବା ସମୟରେ ଆମେ ଠାକୁରଙ୍କୁ ଧ୍ୟାନ କରିଥାଉ କିନ୍ତୁ ଅହଂକାର ଜାତ ହେବାମାତ୍ରେ ଆମେ ନିଜକୁ କର୍ତ୍ତା ଭାବି ଠାକୁରଙ୍କ ସ୍ଥିତିକୁ ଅବଜ୍ଞା କରିଥାଉ।

ଜୀବନର ସୁଖଦୁଃଖ କର୍ମମୟ ଚେତନାକୁ ଭାବନା କଲାବେଳକୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ କାଳଜୟୀ ଧାଡ଼ିଟି ମନେପଡୁଛି – 'ବିପଦ ପ୍ରଭୁଙ୍କ କଷଟି ପାଶାଣ, ପରଖନ୍ତି ତହିଁ ନର ହୃଦ ଟାଣ। ବିଦ୍ୱଦ ହେଲେ ହେଁ ବିପଦ ଅନଳେ, ଉଷ୍ମ ନୋହିଁ ଯେହ୍ନେ ଦାଉ ଦାଉ ଜଳେ।' ଏହି ଆଲୋଚନା କଲାବେଳକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥିତ 'ଆଧ୍ୟାତ୍ମିକ ପ୍ରସଙ୍ଗ' ଯାହାର ସଂକଳନ କରିଛନ୍ତି ପୂଜ୍ୟପାଦ ବିଦ୍ୟୁତରଞ୍ଜନ ଚକ୍ରବର୍ତ୍ତୀ ମହୋଦୟ। ସୁଖ ଆଉ ସନ୍ତୋଷ କାହାକୁ କହିବା ? ସୁଖ ଏବଂ ସନ୍ତୋଷ ସମ୍ବନ୍ଧରେ କଥା ଉଠିଲା। ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଦିବ୍ୟ ମାର୍ଗଦର୍ଶନରେ କହିଲେ – 'ସୁଖ ଗୋଟିଏ ଜିନିଷ, ସନ୍ତୋଷ ଆଉ ଏକ ଜିନିଷ। ସୁଖ ନରହିଲେ ମଧ୍ୟ ମଣିଷର ସନ୍ତୋଷ ରହିପାରେ। ଆଉ ସନ୍ତୋଷ ଥିଲେ ସୁଖ ନରହିଲେ ବି ଖାପ ଖାଇଯାଏ।' ଜଣେ ପ୍ରଶ୍ନ କଲେ– ଏହା କିପରି ? ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ – ଧର, ଏକ ଜଣ ମହତ ମଣିଷ। ସେ ହୁଏତ ତ୍ୟାଗ ଓ ଦୁଃଖର ଜୀବନକୁ (ବରଣ) କରି ନେଇଛି। ତଥାକଥିତ ସୁଖ, ସ୍ୱାଚ୍ଛନ୍ଦ୍ୟ ଯାହାକୁ କୁହାଯାଏ, ସେ ସବୁ ତାଙ୍କର ହୁଏତ ନାହିଁ, କିନ୍ତୁ ଅନ୍ତର ଭିତରେ ଅଛି ସନ୍ତୋଷ। ଏହି ସନ୍ତୋଷ ଯଦିଥାଏ, ତାହାହେଲେ ତଥା କଥିତ ସୁଖ ନଥିଲେ ମଧ୍ୟ ତାହାର କୌଣସି ଦୁଃଖ ରହେ ନାହିଁ। ପୁଣି ତାହାର ସ୍ତ୍ରୀ, ପୁତ୍ର ଯେଉଁମାନେ, ସେମାନେ ଯଦି ତାକୁ ସତ୍ୟକାର ଭଲପାଆନ୍ତି, ତେବେ ସେ ଯେତେ ହିଁ (କଷ୍ଟ) କରୁନା କାହିଁକି, ଭିତରେ-ଭିତରେ (ସନ୍ତୁଷ୍ଟ) ଥାଏ। ଶ୍ରଦ୍ଧା ଓ ପ୍ରୀତିର ଲକ୍ଷଣ ହେଲା ପ୍ରିୟଙ୍କ ପାଇଁ ହସମୁଖରେ ଦୁଃଖ କଷ୍ଟକୁ ସହିନେଇ ପାରିବା। ଯେତେବେଳେ କହିଲା ଆତ୍ମପ୍ରସାଦ ନାହିଁ, ସେତେବେଳେ ବୁଝିନେବ (ସ୍ନେହ) ବା (ପ୍ରୀତି) ସେଠାରେ ନାହିଁ। କାହାରି ଉପରେ ପ୍ରୀତି ରହିଲେ, ତାହାପାଇଁ ଯେତେ କଷ୍ଟ ହିଁ ହେଉନା କାହିଁକି, ସେହି କଷ୍ଟକୁ ସେ କଷ୍ଟ ବୋଲି ମନେ କରେ ନାହିଁ। ତାହା ସମ୍ବନ୍ଧରେ କୌଣସି ଅନୁଯୋଗ ରଖେ ନାହିଁ। ବରଂ ସେ ଭାବିବସେ ମୁଁ ତାକୁ ସୁଖୀ କରିପାରିଲି ନାହିଁ। ତାହାର ତ କିଛି ପାଇବାର ଧନ୍ଦାନାହିଁ–କେବଳ ଦେବାର ଧନ୍ଦା। କିପରି କରି ପ୍ରିୟଙ୍କୁ ସୁଖୀ କରାଇବ ସେହି ତାଳରେ ସେ ଥାଏ। ତେଣୁ ପ୍ରିୟଙ୍କ ପାଇଁ ଯେତେ ହିଁ କରୁ, ଭାବେ, ମୁଁ କିଛି କରି ପାରିଲି ନାହିଁ ତାଙ୍କ ପାଇଁ ବରଂ ଏଥିପାଇଁ ଅପରାଧୀ ମନେ କରେ ନିଜକୁ। ପ୍ରିୟଙ୍କ ସମ୍ବନ୍ଧରେ ଯାହାର ଥାଏ ପୂର୍ଣ୍ଣ ପରିତୃପ୍ତି ଓ ଶ୍ରଦ୍ଧାବୋଧ, ତାହାର ସମ୍ବନ୍ଧରେ ଆଉ କୌଣସି ପ୍ରଶ୍ନ ନଥାଏ। ସୀତା, ଦମୟନ୍ତୀ, ଚିନ୍ତା ଏମାନେ ଥିଲେ ଏହି ଧରଣର। ହାତ ଦୁଇଟିକୁ ହଲାଇ ହଲାଇ, ବେକଟିକୁ ବଙ୍କାଇ ମୋହନ ଭଙ୍ଗୀରେ କହି ଉଠିଲେ – ଶଳା, ଯେତେ ଯାହା କୁହନା କାହିଁକି, ଭଲ ପାଇବା ଭଳି ସୁନ୍ଦର ମାଲ କିଛି ବି ନାହିଁ, ଯେ ଭଲ ପାଇ ପାରେ ସେ ହିଁ ରାଜା। ହୃଦୟରେ ତାହାର କେତେ ବଳ। ପ୍ରାଣରେ ତାହାର କେତେ ଯେ ସୁଖ ! ଜୀବନରେ କର୍ମମୟ ମୁହୂର୍ତ୍ତକୁ ଆଗେଇ ନେବା ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ କୃପା ଓ ନିଜ ସମର୍ପଣ ଚେତନାକୁ ଆମେ ମାନେ ଇଷ୍ଟଙ୍କ ପାଖରେ ସମର୍ପଣ ପୂର୍ବକ ସଦଗୁରୁଙ୍କ ସାନ୍ନିଧ ଲାଭ ଦ୍ୱାରା ହିଁ ଜୀବନମୁକ୍ତି ପାଇଁ ଆହୁରି ଅଗ୍ରସର ହେବା ଉଚିତ। ଏହି ଜୀବନ ଚେତନାର ଶିକ୍ଷା ଜଣଙ୍କୁ ଈଶ୍ୱରଙ୍କୁ ପାଇବା ପାଇଁ ସତରାସ୍ତା ଦେଖାଏ ଏବଂ ଏହି କର୍ମମୟ ଜୀବନର ଅଗ୍ରସର ପଥେ ଅନେକ ଆହ୍ୱାନ ଆମ୍ଭେମାନେ ମଧ୍ୟ ସାମ୍ନା କରିଥାଉ। ଭକ୍ତକବି ମଧୁସୂଦନ ରାଓଙ୍କ ସ୍ମରଣୀୟ ବାଣୀଟି ଏଠାରେ ଉଲ୍ଲେଖ କରୁଛି – 'ମୁକୁଟମଣ୍ଡିତ ରାଜଶିର, ନୁହଇ ଶାନ୍ତି ଆସ୍ୱଦ, ଆଶଙ୍କା ଭୟ ବିପଦ, ନିରନ୍ତର ରାଜ ମନ କରଇ ଅସ୍ଥିର, ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର। ଏ ସଂସାରେ ନାହିଁ ସୁଖ ଶାନ୍ତି, ଅହଂକାର ଦ୍ୱେଶରୋଷ, ଲୋଭ,ମୋହ, ଅସନ୍ତୋଷ। ଦୁଷ୍ଟ ରିପୁ ଦଳ ଘୋର ଅନର୍ଥ ଘଟାନ୍ତି, ପାପାର ଭୀଷରାବର୍ତ୍ତେ ନରେ ନିକ୍ଷେପନ୍ତି।'

*ସହ-ପ୍ରତିରକ୍ଷିକ, ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବିଜେପି ସରକାରର ପ୍ରଥମ ବଜେଟ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଜେପି ସରକାର ବିଧାନସଭାରେ ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ହାତରେ ଅର୍ଥ ବିଭାଗର ରଖିଥିବାରୁ ନିଜେ ତାଙ୍କ ସରକାରର ୨୦୨୫-୨୬ ଆର୍ଥୀକ ବର୍ଷ ପାଇଁ ୨.୯୦ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ବଜେଟରେ ମଧ୍ୟ ରାଜ୍ୟରେ କୃଷି ଓ କୃଷକର ବିକାଶ ଲାଗି ୩୭ ହଜାର ୮୩୮ କୋଟି ଟଙ୍କାର ସ୍ୱତନ୍ତ୍ର ବଜେଟ ରହିଛି। ରାଜ୍ୟ ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମୀଣ ବିକାଶ ଭିତିଭୂମି ଯୁବବର୍ଗଙ୍କ ପ୍ରତି ଗୁରୁତ୍ୱ ଦେବା ସହ ୧୬ଟି ନୂତନ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ଯାହାକି ରାଜ୍ୟ ସରକାରଙ୍କ ଭବିଷ୍ୟତ ଆଭିମୁଖ୍ୟ ବା କାର୍ଯ୍ୟକ୍ରମ ସମ୍ପର୍କରେ ସଂକେତ ପ୍ରଦାନ କରୁଛି। ସେହିପରି କୃଷି ବଜେଟରେ ଗତ ବର୍ଷ ତୁଳନାରେ ୧୨ପ୍ରତିଶତ ହୋଇଥିବାବେଳେ ଏଥିରେ କୃଷି ଓ କୃଷକର ବିକାଶ, ଜଳସେଚନ, ଶୀତଳ ଭଣ୍ଡାର ପ୍ରତିଷ୍ଠା ଏବଂ ଭିତିଭୂମି ବିକାଶକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶୀତଳ ଭଣ୍ଡାର ଅଭାବରୁ ରାଜ୍ୟରେ ଆଳୁ, ଟମାଟୋ ଠାରୁ ଆରମ୍ଭ କରି ବିଭିନ୍ନ ପନିପରିବାର ଅଭାବୀ ବିକ୍ରି ଓ ଅଣ ଋତୁରେ ଦରବୃଦ୍ଧିରେ ଉଭୟ ଚାଷୀ ଓ ଖାଉଟି ଶିକାର ହେଉଛନ୍ତି। ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର ପ୍ରତିଷ୍ଠା ଲକ୍ଷ୍ୟରେ ସରକାର ଯେଉଁ ବ୍ୟୟବରାଦ କରିଛନ୍ତି, ତାହା ମଧ୍ୟ କିଛି କମ୍ ନୁହେଁ, ତେବେ ଭବିଷ୍ୟତ ହିଁ ଏହାର ଫଳାଫଳ କହିବ। ଚଳିତ ବଜେଟରେ ରାଜ୍ୟ ସରକାର ୨୩,୬୧୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଯେଉଁଥିରେ ମାଗଣା ସ୍ୱାସ୍ଥ୍ୟ ସେବାଠାରୁ ଆରମ୍ଭ କରି ଡାକ୍ତର, ନର୍ସଙ୍କ ଅଭାବ ପୂରଣ, ହସ୍‌ପିଟାଲଗୁଡିକରେ ଆଧୁନିକୀକରଣ, ଉନ୍ନତ ବା କୌଶଳର ପ୍ରୟୋଗ, ଭିତିଭୂମି ବିକାଶ, ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ପ୍ରତିଷ୍ଠା ପାଇଁ ବିନିଯୋଗ ହେବା ପ୍ରସ୍ତାବ ରହିଛି। ଏହା କିନ୍ତୁ ନିସନ୍ଦେହ ଯେ, ଡାକ୍ତର ଚିକିତ୍ସା କ୍ଷେତ୍ରରେ ଅଭାବ ଥିବା ସମୟରେ ଏବେ ଯେଉଁଭଳି ବିଭିନ୍ନ ମାରତ୍ମକ ରୋଗ ବ୍ୟାଧି ମାଡି ଆସୁଛି, ବ୍ୟୟ ବରାଦ ଅଧିକ ନୁହେଁ କି ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ ନୁହେଁ। ଏହା ମଧ୍ୟ ନିସନ୍ଦେହ ଯେ, ସରକାର ଶିକ୍ଷା କ୍ଷେତ୍ରକୁ ବଜେଟରେ ୪୧, ୨୭୩ କୋଟି ବ୍ୟୟ ଅଟକଳ କରାଯାଇଛି। ପ୍ରତିବର୍ଷ ବ୍ୟୟ ମଧ୍ୟ ବଢ଼ି ଚାଲିଛି। ନୂତନ, ସ୍କୁଲ, କଲେଜମାନ ଗଢି ଉଠୁଛି। ଏବେ ରାଜ୍ୟରେ ଜାତୀୟ ଶିକ୍ଷାନୀତି– ୨୦୨୦ କାର୍ଯ୍ୟକାରୀ ହୋଇଛି। କିନ୍ତୁ ପ୍ରାଥମିକ ଶିକ୍ଷାର ମାନ ବଢୁନାହିଁ। ଅଷ୍ଟମ ଶ୍ରେଣୀର ପିଲାଙ୍କ ତୃତୀୟ ଶ୍ରେଣୀର ଅଙ୍କ ଆସୁନାହିଁ। ଭାତ ହାଣ୍ଡିରୁ ଗୋଟିଏ ଚିପିଲେ ଯଥେଷ୍ଟ ହେବା ଭଳି ରାଜ୍ୟରେ ପ୍ରାଥମିକ ଶିକ୍ଷାରମାନ ଦିନକୁ ଦିନ କମିବାରେ ଲାଗିଛି। ସେହିପରି ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା। ଯେଉଁଥିପାଇଁ ଉଚ୍ଚଶିକ୍ଷା ପାଇଁ ପିଲା ଅଭିଭାବକ ବେସରକାରୀ ଶିକ୍ଷାନୁଷ୍ଠାନ ମୁହାଁ। କେବଳ ଅର୍ଥମଂଜୁର କରି ବ୍ୟୟ ବରାଦ ବଢାଇଦେଲେ ହେବ ନାହିଁ, ଶିକ୍ଷାର ମାନ ବୃଦ୍ଧି ଆବଶ୍ୟକ। ଏହାର କାରଣ ଖୋଜି ନିରାକରଣ କରାଯିବା ସହ ଭିତିଭୂମୀର ବିକାଶ ପାଇଁ ଧ୍ୟାନ ଦିଆଯିବା ଜରୁରୀ। ସରକାର ବଜେଟରେ ଶିକ୍ଷା ପାଇଁ ବ୍ୟୟବରାଦ ବୃଦ୍ଧି କରିଛନ୍ତି। ମାତ୍ର ଏହାର ସୁବିନିଯୋଗ ଜରୁରୀ। ରାଜ୍ୟରେ ଦୃତ ଶିଳ୍ପାୟନ ପାଇଁ ସରକାର ଲକ୍ଷ୍ୟ କରିଛନ୍ତି। ଏଥିପାଇଁ ୮୦,୮୧୫ କୋଟି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମଏସଏମଇ) ପାଇଁ ୭୫,୮୮୭ କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ଦେଇଛନ୍ତି। ଉତ୍କର୍ଷ ଓଡିଶା ଜରିଆରେ ୧୬ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ପାଇଛନ୍ତି। ଶିଳ୍ପପାଇଁ ବର୍ଷକୁ ହଜାରେ ଏକ ଜମି ଅଧିଗ୍ରହଣ ଲକ୍ଷ୍ୟ ରଖିଛନ୍ତି। ତେବେ ଏହା କେତେ ସଫଳ ହେବ ଭବିଷ୍ୟତ କହିବ। ପୂର୍ବ ସରକାର ଷ୍ଟାର୍ଟ ଅପ୍ ଜରିଆରେ ଲକ୍ଷଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ପାଇଥିଲେ, ମାତ୍ର ଏହାର କାର୍ଯ୍ୟାନ୍ୱୟନ ଅତ୍ୟନ୍ତ ନୈରାଶ୍ୟଜନକ। ଏମଏସଏମଇ କ୍ଷେତ୍ର ମଧ୍ୟ ଅନୁରୂପ। ରାଜ୍ୟରେ ବହୁ ଶିଳ୍ପାଂଚଳ ଗଢି ଉଠିଥିଲେ ମଧ୍ୟ ଏବେ ସେଠାରେ ଆଉ ଶିଳ୍ପ ନାହିଁ, ଜନବସତି ଏବଂ ବ୍ୟବସାୟିକ ଅନୁଷ୍ଠାନରେ ପରିଣତ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହୋଇନପାରେ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ବଜେଟରେ ନିଯୁକ୍ତି, ଲୋକଙ୍କ ଆୟବୃଦ୍ଧି, କୃଷକଙ୍କ ଆୟବୃଦ୍ଧି ନେଇ କିଛି ସୂଚନା ମିଳେ ନାହିଁ। ରାଜ୍ୟରେ ବେକାରୀ ବଢିଚାଲିଥିବାବେଳେ ଲୋକଙ୍କର କ୍ରୟ କମିବାର ସମାର୍ଥ୍ୟ କମିବାର ଲାଗିଛି। ଅନ୍ୟପକ୍ଷରେ ରାଜ୍ୟରେ କୃଷକଙ୍କ ଆୟ ଦେଶରେ ସବୁଠୁ ପଛରେ ରହିଛି। ସେହିପରି ପ୍ରତିବର୍ଷ ବଜେଟ ବ୍ୟୟବରାଦ ମଧ୍ୟ ବଢ଼ିବାରେ ଲାଗିଛି। କହିବା ବାହୁଲ୍ୟ ଯେ, ଗତ ବର୍ଷ ବଜେଟରେ ୨ଲକ୍ଷ ୬୫ହଜାର କୋଟି ବ୍ୟୟ ବରାଦ ହୋଇଥିଲା। ଗତ ଜାନୁୟାରୀ ସୁଦ୍ଧା ସେଥିରୁ ୧ଲକ୍ଷ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇପାରିନାହିଁ। ଆଉ ମାତ୍ର ୨ମାସ ୨୦୨୪-୨୫ ଆର୍ଥୀକ ବର୍ଷ ଶେଷ ହେବାକୁ ଯାଉଛି। ବାକି ଅର୍ଥ ବ୍ୟୟ କରିବା ଆଦୌ ସମ୍ଭବ ନୁହେଁ। ତେବେ ଏତେ ପରିମାଣର ବଜେଟ ଆଗତ କରିବାର କାରଣ କ'ଣ ବୁଝାପଡୁନାହିଁ। ସେହିପରି ପ୍ରତିବର୍ଷ ରାଜ୍ୟ ଋଣଭାର ବଢିଚାଲିଛି । ରାଜ୍ୟର ଋଣ ବୋଝ ଏବେ ୧,୩୪,୯୧୪ କୋଟିରେ ପହଁଚିଗଲାଣି। ଯାହାକି ମୋଟ ଋଣଭାର ଓ ସକଳ ଘରୋଇ ଉତ୍ପାଦର ଅନୁପାତ ୧୨.୭ ପ୍ରତିଶତ। ୨୦୨୫-୨୬ରେ ରାଜ୍ୟ ସରକାର ପ୍ରାୟ ୪୭,୪୦୦କୋଟି ଋଣ କରିବେ ବୋଲି ବଜେଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ମୁଣ୍ଡପିଛା ଋଣ ଭାର ୨୮,୭୦୫ ଟଙ୍କାରେ ପହଁଚିବା ନେଇ ଆକଳନ କରାଯାଇଛି। କ୍ଷମତା ଓ ଭୋଟ ବ୍ୟାଙ୍କ ପାଇଁ ମାଗଣା ଯୋଜନା ଏବ ରାଜନୈତିକି ଦଳଗୁଡ଼ିକର ମୁଖ୍ୟ ଅସ୍ତ୍ରରେ ପରିଣତ ହୋଇଛି। ଯେଉଁଥିପାଇଁ କି ସରକାରଙ୍କୁ ଋଣ କରିବାକୁ ପଡୁଛି ଏବଂ ଋଣ ବୋଝ ବଢ଼ିବାରେ ଲାଗିଛି। ତେବେ ଏହା ସତ୍ତ୍ୱେ ସରକାର ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ନେଇ ବଜେଟରେ ପ୍ରସ୍ତୁତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମାତ୍ର ସେଭଳି କୌଣସି ଝଲକ ନଥିବା ଭଳି ମନେହୁଏ। ବଜେଟ ହେଉଛି ବର୍ଷକ ପାଇଁ ରାଜ୍ୟର ଆୟ-ବ୍ୟୟର ହିସାବ। ବଜେଟ ଗତାନୁଗତିକ ନହୋଇ କାର୍ଯ୍ୟାନ୍ୱୟନରେ ପରିଣତ କରାଯିବା ଉଚିତ୍। ଏଥିଲାଗି ରାଜନୈତିକ ନେତାଙ୍କ ଠାରୁ ଆରମ୍ଭ କରି ଅମଲାତନ୍ତ୍ର ଯାଏ ଇଚ୍ଛାଶକ୍ତି ଦରକାର। ଅନ୍ୟଥା ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡିଶା' ଗଠନ ସ୍ୱପ୍ନ ହୋଇଯିବ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ*
*ନଗର,*
*ରୋଡ ନଂ-୩, ଶିଶୁପାଳଗଡ,*

# ଛାମୁଡ଼ିଆ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଧର୍ମୀୟ ଅପରାଧ ଜାତି ଭାଇରେ ଅପରାଧ, ସାମାଜିକ ଅପରାଧ ଏସବୁରୁ ଦଣ୍ଡ ଓ ତାର ମୁକ୍ତି ପାଇଁ ଲୋକଚାରରେ ଅନେକ ବିଧାନ ପୂର୍ବେ ବଳବତ୍ତର ଥିଲା। ଏଥିରେ ସମ୍ପୃକ୍ତ ଅପରାଧି ପୁଣି ଧର୍ମ ପରମ୍ପରା ଜାତି ଭାଇ ପରମ୍ପରା ସାମାଜିକ ପରମ୍ପରାରେ ମିଶି ଯିବା ପାଇଁ ତାକୁ କିଛି ସମାଜ ରକ୍ଷକ ମୁରବୀ ଓ ଜାତି ଭାଇଙ୍କୁ ଏକାଠି କରି କ୍ଷମା ମାଗିବାକୁ ପଡ଼େ। କ୍ଷମା ଖାଲି ମାଗିବାକୁ ହୁଏ ନାହିଁ ପଂକ୍ତି ଭୋଜନରେ ଆପ୍ୟାୟିତ କରିବାକୁ ହୁଏ। ଏମିତି ବିବାହ, ସନ୍ତାନ ଜନ୍ମ ମୃତାନ୍ନରେ ବି ପଂକ୍ତି ଭୋଜନର ବ୍ୟବସ୍ଥା କରାଯାଏ। ଏ ପାଇଁ ଛାମୁଡ଼ିଆର ବ୍ୟବସ୍ଥା କରାଯାଏ। ରାଜା ରାଜୁଡ଼ାଙ୍କର ସବୁଠିକ ମାଷ୍ଟର ଇଜ ଅଲୁଏଜ କରେକ୍ଟ ଅତଏବ ଏହା ଅସିମିତ ପ୍ରଜା ଏମାନଙ୍କ ପାଇଁ ଛାମୁଡ଼ିଆ ବାନ୍ଧିବା ହୁଏ ନାହିଁ। ଏହାଙ୍କ ପାଇଁ ଅସ୍ଥାୟୀ ଭୋଜନ ମଣ୍ଡପ କପଡ଼ା କନାରେ ସଜା ଯାଇଥାଏ। କେହି କେହି ଚାନ୍ଦୁଆ ଚନ୍ଦ୍ରାତପ ଛାୟା କରିଥାନ୍ତି। ବର୍ଷା ଦିନେ କ୍ୟାନଭାସ ଟାଙ୍ଗି ଏ କାର୍ଯ୍ୟ କରାଯାଉଛି ତଥାପି ବିବାହ ବେଦୀରେ ଛାମୁଡ଼ିଆ ସଂସ୍କୃତି ବ୍ରାହ୍ମଣ ଓ କ୍ଷତ୍ରୀୟଙ୍କ ଜାତିରେ ଏବେ ବି ରହିଛି। କଲ୍ୟାଣ ମଣ୍ଡପରେ ବିବାହ ଅଭିନୟ ମଣ୍ଡପ ବିବାହ ପରି ବରକନ୍ୟା ଅଭିନୟ ପେଣ୍ଟିଂ ହୋଇ ଆସୁଛନ୍ତି ସମସ୍ତଙ୍କ ଘର ସାଜସଜା ବି କୃତ୍ରିମ ରାଜ ମହଲ ସାଜସଜାରେ ଏବେ ବିବାହ ବ୍ରତରେ ଝଲସୁଛି। ରାଜ ଉପଚାର ବାଜା ବାଜୁଛି।

ବର୍ତ୍ତମାନ ଯୁଗ ସାଙ୍ଗରେ ତାଳ ଦେଇ ସମସ୍ତେ ଚାଲିଲେଣି ଦେଖା ଶିଖାରେ ଜନ ସମୁଦାୟ। ପରମ୍ପରା ଭଙ୍ଗ ହୋଇ ଆଧୁନିକ ମାନ୍ୟତାରେ ସମସ୍ତେ ବ୍ରତୀ। ରାଜପୁତ୍ର ରାଜକନ୍ୟା ବିବାହ ସବୁ ବିବାହରେ ଜଣାପଡୁଛି ପୂର୍ବର ଗରିବ ଏବେ ଗରିବ ନୁହନ୍ତି। ଚୁଡ଼ାକୁ ନେଇ ପରେ ବହୁ ପ୍ରକାର ଖାଦ୍ୟ ଯେ ହୋଇପାରେ ଏକଥା ଖାଦ୍ୟ ବିଶେଷଜ୍ଞମାନେ ବାହାର କଲେ। ପାକ ପ୍ରଣାଳୀ ଦେଖିଲେ ଏପରି ତଥ୍ୟ ମିଳିପାରିବ। ଚୁଡ଼ାଗୁଣ୍ଡରେ ଉତ୍ତମ ଖାଦ୍ୟ ପୁରୀ ଗଲାବେଳେ ବାଟରେ ଚନ୍ଦନପୁର ବଜାର ହୋଟେଲରେ ଏବେ ବି ମିଳୁଛି ଚୁଡ଼ାଗୁଣ୍ଡ ଶିଶୁ ମାନଙ୍କର ଏକ ଭୋଜ୍ୟ ଦ୍ରବ୍ୟ। ତାର ନାମ ଚୁଡ଼ା। ଏହାପଛରେ ବି କଥା ଅଛି। ବଙ୍ଗଳାରେ ଚୁଡ଼ା ଚିଡ଼ା ହିନ୍ଦୀ ଚିପିଟକ ଏହାର ଆକ୍ଷରିକ ଅର୍ଥ ଚାପି ପତଳା ନରମ କରାଯାଇଛି। ଧାନକୁ ଭିଜାଇ ଉଷେଇଁ ନରମ କରି ଢ଼ିଙ୍କିରେ ଭାଜନ କରି କୁଟିଲେ ଏପରି ଚୁଡ଼ା ଚେପା ହୋଇ ମିଳେ। ରାଜାଘର ଖାନା ଉପରେ ଏକ ଓଡ଼ିଆ ଗୀତ ଅଛି। ଏଥିରେ ଓଡ଼ିଶାର ସ୍ଥାନ ସହିତ ଏକ ଏକ ସ୍ଥାନର ବିଶେଷ ସମ୍ବନ୍ଧ ରହିଛି। ଏ ମଧ୍ୟରେ ଅଛି ଧାମନଗର ଚୁଡ଼ାର ସମ୍ବନ୍ଧ, ପ୍ରକୃତରେ ଏ ସ୍ଥାନର ଚୁଡ଼ା ଅନ୍ୟ ଠାରୁ କିଛି ଫରକର କାରଣ ଏ ଅଞ୍ଚଳରେ ଉତ୍ପାଦିତ ଜଳ ପ୍ଲାବିତ ବନ୍ୟାଞ୍ଚଳରେ ପଟୁ ମାଟିରେ ଉତ୍ପାଦିତ ଧାନ ଶଷ୍ୟ ଲବଣାକ୍ତ ସନ୍ତୁଳନର ଏ ମାଟ ଚୁଡ଼ା ପ୍ରସ୍ତୁତରେ ସହାୟକ। ରାଜାଘର ଖାନାରେ ଆହୁରୀ କେତେ ଅଞ୍ଚଳର ନାମ ଅଛି ବାରିପଦାର ଗରମ ମୁଢ଼ୀ, ଢ଼େଙ୍କାନାଳ ବରା ଏଥିରେ ବି ଭାଗୁଆଳୀ ରହିଛି।

ଚୁଡ଼ା ଖାଦ୍ୟର ବିକଳ୍ପ ଏବେ କୋଇଲା ଗ୍ୟାସରେ ସମସ୍ତଙ୍କ ରୋଷେଇ ଏହାର ମହଙ୍ଗାକୁ ନିୟନ୍ତ୍ରଣ ପାଇଁ ଚୁଡ଼ାର ଜଳଖିଆ ଭୋଜନରେ କରାଯାଇପାରେ। ବହୁ ସ୍ଥାନରେ ଏ ସମୟରେ ରୁଟି ପ୍ରସ୍ତୁତ ହୋଇ ବିକ୍ରୟ ଉପଲବ୍ଧ। ପୂର୍ବେ ନାନବାଇଗେଲି ଏକ ସଂଜ୍ଞା ବା ଟାଇଟଲ ବା ଜାତି ଥିଲା। ଏମାନେ ଏପରି ରୁଟି ବା ନାନ ପ୍ରସ୍ତୁତ କରିବା ଜଣାପଡୁଥିଲା। ଏବେ ରାତ୍ରୀ ଭୋଜନର ଝାମେଲ ଅନେକ ଗୃହସ୍ଥଙ୍କୁ ରକ୍ଷା ପାଇଁ ଏମିତି ବୃତ୍ତି ସବୁ ଉପଲବ୍ଧ ହେବାରେ ଲାଗିଲାଣି। ତେବେ ଚୁଡ଼ାରେ ଏପରି ଦୋଷ କମ। ଭୋଜନରେ ତାମସିକ ଭାବ ଶୂନ୍ୟ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# କୁମ୍ଭମେଳା : ପୂଣ୍ୟ ଘାଟର କଥା



ତ୍ରିନାଥ ଓଝା

ପ୍ରୟାଗରାଜ କୁମ୍ଭମେଳାରେ ବିଶ୍ୱ ପ୍ରସିଦ୍ଧ କୁମ୍ଭମେଳା ଅନୁଷ୍ଠିତ ହେଉଥିବାବେଳେ ସମଗ୍ର ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ସାଧୁସନ୍ଥ, ମୁନୀଋଷି, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଏପରିକି ଅନ୍ୟ ଧର୍ମାବଲମ୍ବୀମାନେ ଏହି ଶାହୀ ସ୍ନାନ ବା ଅମୃତ ସ୍ନାନ ପାଇଁ ଆଗମନ କରୁଛନ୍ତି। ଖବରକାଗଜରେ ପ୍ରକାଶିତ ହୋଇଥିବା ଖବର ମୁତାବକ ଚଳିତ ବର୍ଷ ପ୍ରୟାଗରାଜରେ ୫୦ଟି ଘାଟ ପ୍ରସ୍ତୁତ ହୋଇଛି। ତେବେ ଅନେକଙ୍କ ଭିତରେ ଆଗ୍ରହ ରହିବା ସ୍ୱାଭାବିକ ଯେ ଏହି ଘାଟ ଗୁଡ଼ିକ ସବୁ କେଉଁଠି ଏବଂ ଏହାର ପରିପାର୍ଶ୍ୱିକ ଘଟଣାବଳୀ କ'ଣ ସବୁ ରହିଛି।

ପ୍ରୟାଗରାଜର ସମସ୍ତ ଘାଟ ମଧ୍ୟରେ ନିଜସ୍ୱ ଓ ସ୍ୱତନ୍ତ୍ର ସ୍ଥାନରେ ରହିଛି ଦଶାଶ୍ୱମେଧ ଘାଟ। ଏହା ସବୁଠାରୁ ବଡ଼ ଘାଟର ମର୍ଯ୍ୟାଦା ପାଇଛି ବୋଲି ସୋସିଆଲ ମିଡ଼ିଆ ସାଇଟ କୁମ୍ଭ.ଇନରେ ପ୍ରକାଶିତ ହୋଇଛି। ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହି ଦଶାଶ୍ୱମେଧର ଅର୍ଥର କ'ଣ ? ଏହାର ଅର୍ଥ ହେଉଛି ଦଶ ଅଶ୍ୱମେଧ ଯଜ୍ଞପରି। ପୌରାଣିକ ବିଶ୍ୱାସ ଓ ବର୍ଷ ବର୍ଷର ଲୋକକଥା ଅନୁଯାୟୀ ଅନେକ ବର୍ଷ ତଳେ ଜଣେ ମହାନ ରାଜା ଏହିଠାରେ ଅଶ୍ୱମେଧ ଯଜ୍ଞ କରିଥିଲେ। ପରବର୍ତ୍ତୀ ସମୟରେ ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନଙ୍କ ଭିତରେ ବିଶ୍ୱାସ ଭରିରହିଲା ଯେ ଏହି ଘାଟରେ ଦିବ୍ୟ ସ୍ନାନ କରିବା ଦ୍ୱାରା ଈଶ୍ୱରଙ୍କ କୃପା ମିଳିଥାଏ ଏବଂ ଜଣେ ଦିବ୍ୟଶକ୍ତିର ଅଧିକାରୀ ହୋଇଥାଏ।

ପ୍ରୟାଗରାଜର ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ଓ ମର୍ଯ୍ୟାଦାବନ୍ତ ଘାଟ ଭିତରେ ସରସ୍ୱତୀ ଘାଟର ସ୍ୱତନ୍ତ୍ରତା ରହିଛି। ଲୋକ ବିଶ୍ୱାସ ଓ ପୁରାଣର କଥାବସ୍ତୁକୁ ଦେଖିଲେ ଜଣାଯାଏ ଯେ ବର୍ତ୍ତମାନ ବିଲୁପ୍ତ ହୋଇସାରିଥିବା ପବିତ୍ର ସରସ୍ୱତୀ ନଦୀର ମୂଳ ଉତ୍ସ ଏହି ଠାରେ ହିଁ ଥିଲା। ପବିତ୍ର କୁମ୍ଭମେଳା ଅବସରରେ ଏହି ଘାଟରେ ସ୍ନାନ କରିବା ପାଇଁ ଅନେକ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଭିତରେ ଆଗ୍ରହ ଓ ଶ୍ରଦ୍ଧା ରହିଥାଏ। ଏହି ଘାଟର ବିଶେଷତ୍ୱ ହେଉଛି ଏଠାରେ ଅତି ବ୍ୟବସ୍ଥିତ ଓ ସୁନ୍ଦର ଭାବରେ ପାହାଚ ଗୁଡ଼ିକ ରହିଛି ଯେଉଁଠାରେ ଲୋକମାନେ ପୂଜା ନୈବେଦ୍ୟ ସମର୍ପଣ କରିବା ସହ ଏହା ତୀର୍ଥଯାତ୍ରୀ, ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଅର୍ଘ୍ୟ ଦାନ କରିବା ପାଇଁ ଆସୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ବଡ଼ ଆକର୍ଷଣର କେନ୍ଦ୍ର ପାଲଟିଥାଏ। ପ୍ରୟାଗରାଜର ଅନ୍ୟତମ ଐତିହ୍ୟସମ୍ପନ୍ନ ଘାଟ ହେଉଛି କିଲ୍ଲା ଘାଟ। ତେବେ ସମସ୍ତଙ୍କ ଭିତରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପ୍ରୟାଗରାଜରେ କିଲ୍ଲା ଶବ୍ଦର ଉଦ୍ଭବ କେଉଁଠୁ ହେଲା ? ଐତିହାସିକ ଆକବର କିଲ୍ଲାର ସନ୍ନିକଟ ସ୍ଥଳରେ ଏହି ଘାଟଟି ଥିବାରୁ ଏହାର ନାମକରଣ କିଲ୍ଲା ଘାଟ ହୋଇଛି। ତେବେ ଏହି ଘାଟକୁ ଆସୁଥିବା ଲୋକମାନଙ୍କର ଆକର୍ଷଣର ପ୍ରମୁଖ କାରଣ ହେଉଛି ଏଠାରେ ଯୋଗ ପ୍ରାଣାୟମ ଓ ଧ୍ୟାନ କରି ଆଧ୍ୟାତ୍ମିକ ଶାନ୍ତି ପାଇବା ପାଇଁ ପର୍ଯ୍ୟାପ୍ତ ଓ ଆନନ୍ଦମୟ ସ୍ଥାନ ରହିଛି। ସନାତନ, ହିନ୍ଦୁ ସଂସ୍କୃତି ଓ ଈଶ୍ୱର ଚେତନା ପ୍ରତି ଗଭୀର ବିଶ୍ୱାସୀମାନେ ଏହି ଶାନ୍ତିପୂର୍ଣ୍ଣ ସ୍ଥାନରେ କିଛି ସମୟ ଅତିବାହିତ କରି ନିଜକୁ କର୍ମମୟ ସଂସାର ଜୀବନ ଠାରୁ ଦୂରେଇ ଶାନ୍ତି ପାଇବା ପାଇଁ ଚେଷ୍ଟିତ ହୋଇଥାନ୍ତି। ଏହି ଘାଟରେ ପ୍ରାୟତଃ ବର୍ଷ ତମାମ ନିୟମିତ ଗହଳି ଓ ଭିଡ଼ ପରିଲକ୍ଷିତ ହୋଇଥାଏ। ପ୍ରୟାଗରାଜର ମହାକୁମ୍ଭ ସମୟରେ ରସୁଲାବାଦ ଘାଟ ଅନେକଙ୍କ ପାଇଁ ଏକ ସ୍ମରଣୀୟ ଓ ପବିତ୍ରତମ ଘାଟ ଭାବେ ପରିଚିତ। ତେବେ ଏହି ଘାଟର ଗୁରୁତ୍ୱ ଅନ୍ୟ ସାଧାରଣ ଦିନ ଠାରୁ କୁମ୍ଭମେଳା ସମୟରେ ଅଧିକ ପ୍ରତୀୟମାନ ହୋଇଥାଏ। ବର୍ଷ ତମାମ ଏହି ଘାଟଟି ଶ୍ରାଦ୍ଧ, ସମର୍ପିତ ପିଣ୍ଡଦାନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ପ୍ରସିଦ୍ଧ ଓ ମନ ପସନ୍ଦର ଘାଟ। ଏଠାରେ ନିଜ ପୂର୍ବଜଙ୍କୁ ଭକ୍ତି ସମର୍ପଣ ପୂର୍ବକ ଅର୍ଘ୍ୟ ଓ ପିଣ୍ଡଦାନ କରି ଆତ୍ମ ବିଶ୍ୱାସର ସହିତ ଶ୍ରଦ୍ଧାଳୁମାନେ ଘରକୁ ଫେରିଥାନ୍ତି। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଶାନ୍ତି ବିରାଜମାନ ହେଉଥାଏ କାରଣ ଏଠାରେ ଅଧିକ ଗହଳି ଚହଳି ସେପରି ଦେଖାଦେଇନଥାଏ। ଆସ୍ଥା ଓ ବିଶ୍ୱାସର ପବିତ୍ର ମହାକୁମ୍ଭରେ ଜ୍ଞାନଗଙ୍ଗା ଘାଟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ସାଧାରଣତଃ ପ୍ରଶ୍ନଟି ଉଠେ ଯେ ଜ୍ଞାନଗଙ୍ଗା ଶବ୍ଦ ମାନେ କ'ଣ ? ଯେଉଁଠି ଜ୍ଞାନର ଗଙ୍ଗା ସ୍ରୋତସ୍ୱିନୀ ପରି ଚିରପ୍ରବାହିତ ସେଇ ଘାଟକୁ ହିଁ ଜ୍ଞାନଗଙ୍ଗା ଘାଟ କୁହାଯାଏ। ବର୍ଷ ବର୍ଷର ବିଶ୍ୱାସ ଉଜ୍ଜୀବିତ ରହିଛି ଯେ ଏହି ଘାଟକୁ ମୋକ୍ଷ ପ୍ରାପ୍ତିର ଦିବ୍ୟ ଘାଟ ଭାବେ ବିଶ୍ୱାସ କରାଯାଏ। ଦିନ ଥିଲା ଏହି ଘାଟରେ ଆମ ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ନମସ୍ୟ ଉପାସକ ମୁନୀ, ଋଷି, ସିଦ୍ଧ ସାଧକମାନେ ବର୍ଷ ବର୍ଷ ଧରି କଠୋର ତପସ୍ୟା ସାଧନ କରି ଜ୍ଞାନପ୍ରାପ୍ତି ହୋଇଥିଲେ। ପ୍ରୟାଗରାଜରେ ଯେ କେହି ଆଗମନ କରୁଥିଲେ ଜ୍ଞାନଗଙ୍ଗା ଘାଟକୁ ନିଶ୍ଚିନ୍ତ ଭାବରେ ଥରେ ଆସି ଏଠାରେ କିଛି ସମୟ ଅତିବାହିତ କରିବା ପାଇଁ ସଂକଳ୍ପ ରଖିଥାନ୍ତି। ପ୍ରୟାଗରାଜର ଅନ୍ୟତମ ଚଳ ଚଞ୍ଚଳ ଓ ବ୍ୟସ୍ତପୂର୍ଣ୍ଣ ତଥା ସବୁବେଳେ ଲୋକବାକ ଭରି ରହିଥିବା ଘାଟଟି ହେଉଛି ନୌକାଯାନ ଘାଟ। ଏହି ଘାଟର ନାମଟି ନୌକାଯାନ ଶବ୍ଦରୁ ରହିଥିବାରୁ ଏହା ବାସ୍ତବିକ ନୌକା ବିହାର ଓ ବିଭିନ୍ନ ପ୍ରକାର ବୋଟିଂ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଏଠାକୁ ଏକ ପ୍ରକାର ଭିଡ଼ି ଆଣିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଘାଟରୁ ପ୍ରାୟତଃ ତମାମ ତ୍ରିବେଣୀ ସଙ୍ଗମ ବା ପ୍ରୟାଗରାଜର ସମସ୍ତ ଦୃଶ୍ୟ ଅନେକ ଦୂରରୁ ଶ୍ରଦ୍ଧାଳୁ ମାନଙ୍କୁ ବିମୁଗ୍ଧ କରିଥାଏ। ଯାହାପାଇଁ ଏହି ଘାଟଟି ସବୁବେଳେ ଚଳଚଞ୍ଚଳ ରହିଥାଏ। ଆପଣ କୁମ୍ଭମେଳାକୁ ଆସୁଥିଲେ ନିଶ୍ଚିନ୍ତ ଭାବରେ ଏହି ଘାଟ ମାନଙ୍କର ଦର୍ଶନ କରି ସେଠାରେ କିଛି ସମୟ ଅତିବାହିତ କରି ଆଧ୍ୟାତ୍ମିକ ଶାନ୍ତି ପାଇପାରିବେ।

*ଆବାହକ, ଚମ୍ପାନାରାୟଣ ଚାରିଟେବୁଲ*
*ଟ୍ରଷ୍ଟ, ଧବଳେଶ୍ୱର ଗଡ଼ା, କଟକ,*
*ଦୂରଭାଷ :୯୨୩୮୬୦୨୮୨୫*




## ହାଇଡ୍ରୋପନିକ୍ସ କ'ଣ ?

ସାଧାରଣତଃ ଆମେ ଜାଣୁ କି ଗଛ ମାଟି ଭିତରେ ହିଁ ବଢ଼ିଥାଏ। ମାଟିର ଥିବା ଖଣିଜଲବଣ ଓ ପୋଷକତତ୍ତ୍ୱକୁ ନେଇ ଗଛ ବଂଶବିସ୍ତାର କରେ। କିନ୍ତୁ ଯଦି ଜଣକୁ କୁହାଯାଏ ଯେ ବିନା ମାଟିରେ ବି ଗଛ ବଢ଼ିପାରିବ , ତେବେ ଏହା ହୁଏତ ନୂଆ ଲାଗୁଥାଇପାରେ। କିନ୍ତୁ ଆଜିର ବିଜ୍ଞାନ ଯୁଗରେ



କୃଷିବିଜ୍ଞାନରେ ଏହା କିଛି ଅସମ୍ଭବ ନୁହେଁ। ବିନା ମାଟିରେ ଗଛ ବଢ଼ିପାରିବାର କୌଶଳକୁ ହାଇଡ୍ରୋଫନିକ୍ସ କୁହାଯାଏ। ମାଟିର ଅନୁପସ୍ଥିତିରେ ଜଳକୁ ମାଧ୍ୟମ କରି ପାଣି ଭିତରେ ପୋଷକତତ୍ତ୍ୱର ଉପାଦାନକୁ ସଂଗୃହୀତ କରି ଗଛକୁ ବଢ଼ାଯାଇପାରେ। ପାଣି ଭିତରେ ଗଛର ଚେର ଖୁବ ସହଜରେ ବଢ଼ିପାରେ। କାରଣ ଗଛ ଆବଶ୍ୟକ କରୁଥିବା ଉପାଦାନ ସବୁ ଏହି ପୋଷକଯୁକ୍ତ ପାଣିରେ ଥାଏ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା। ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ। ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ। ବିଭିନ୍ନ ପ୍ରକାର ପନିପରିବା ଯଥା - ଟମାଟୋ , ପାଳଙ୍ଗ, କାକୁଡ଼ି ପ୍ରଭୃତି ସହଜରେ ଉତ୍ପାଦନ କରାଯାଇପାରେ।ଏହା ଏକ ସରଳ ପ୍ରକ୍ରିୟା ଅଟେ। ମଂଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ। ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ। ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ। ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ। ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ। ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ। ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି। ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପଦନ ସମ୍ଭବ ହୋଇଥାଏ। ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ

# ବିନା ମାଟିରେ ଚାଷ

ଜନସଂସ୍କୃତି ଆଉ କୃଷି ପରସ୍ପରର ପରିପୂରକ। କୃଷି ଆଉ କୃଷକର ସାଥ ବିନା ଖାଦ୍ୟ ସାରା ଦୁନିଆ ପାଇଁ ଏକ ସ୍ୱପ୍ନ ପ୍ରାୟ। ମଣିଷ ଯଦି କାଲି ବଂଚିବା ପାଇଁ କିଛି ନୂଆ ସମ୍ଭାବନା ଦେଖେ ତାହେଲେ କୃଷି ବିନା ଏସବୁ ଦୁଃସ୍ୱପ୍ନ। ଦିନ ଥିଲା ଏ ସମାଜ ସବୁଜିମାର ବଳୟ ଭିତରେ ଆବଦ୍ଧ ହୋଇ ଥିଲା। ପରିବେଶ ସବୁଜର ଆବରଣରେ ବେଶ ଖୁସି ହୋଇ ହସୁଥିଲା। କୃଷିକୁ କଷ୍ଟ ନୁହେଁ ବରଂ ଏକ କର୍ମସିକ୍ତ ଭାବନାରେ ପ୍ରତିପାଦିତ କରାଯାଉଥିଲା। ଚାଷ ଜମି



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ଥିଲା ଚାଷୀର ସବୁକିଛି। ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ। ଦେଶ ଅର୍ଥନୀତିର ମାପକାଠି ରୂପେ କୃଷିକୁ ହିଁ ବିବେଚନା କରାଯାଉଥିଲା। କିନ୍ତୁ ସମୟ ଆସିଛି କୃଷି ପାଇଁ ଆଉ ସେପରି ମନରେ ଶ୍ରଦ୍ଧା ନାହିଁ। ଚାକିରୀର ନିଶାରେ ଏବେ ସମସ୍ତେ ମତୁଆଲା। କାଦୁଅ ବିଲରେ ଗୋଡ଼ ପଶେଇବାକୁ ଆଉ କେହି ବି ଇଚ୍ଛା କରୁନାହାନ୍ତି। ଟଙ୍କା ସର୍ବସ୍ୱ ଏ ଦୁନିଆରେ ସଭିଏଁ ନିଜ କର୍ମରେ ବ୍ୟସ୍ତ। ସେଇଥିପାଇଁ ତ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି , ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ପରୋକ୍ଷରେ ସବୁଜ ବିଷକୁ ଗ୍ରହଣ କରୁଛନ୍ତି ମାନବ ସମାଜ। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷ କରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ସେମିତି ଆଜି ହାଇଡ୍ରୋପନିକ୍ସ ଏବେ ଆତ୍ମନିର୍ଭରଶୀଳତାର ନୂଆ ଏକ ଅଧ୍ୟାୟ।

*ତଥ୍ୟ ସହାୟତା-ବିଶ୍ୱଜିତ ମଲ୍ଲିକ*





କରାଯାଇଥାଏ। ମୁଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ। ହାଇଡ୍ରୋପୋନିକ୍ସ ଉପାୟରେ ମୃତ୍ତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ। ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ। ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ।

ସାଧାରଣତଃ ହାଇଡ୍ରୋପନିକ୍ସ ରିଜର୍ଭୟାର ଗୁଡ଼ିକ ପ୍ଲାଷ୍ଟିକରେ ତିଆରି ହୋଇଥାଏ କିନ୍ତୁ ଏହା ବ୍ୟତୀତ ଅନ୍ୟ ଉପାଦାନରେ ମଧ୍ୟ ଏହା ଗଠିତ ହୋଇଥାଏ। ଯଥା - କଂକ୍ରିଟ , କାଚ , କାଠ ଇତ୍ୟାଦି.. ହାଇଡ୍ରୋପନିକ୍ସରେ ୯୫ଶତକଡ଼ାରୁ କମ ପାଣି ବ୍ୟବହାର କରାଯାଇଥାଏ। ହାଇଡ୍ରୋପନିକ୍ସରେ ଗଛଟିଏ ଉପଯୁକ୍ତ ପୋଷକତତ୍ତ୍ୱ ପାଇ ବଂଶବିସ୍ତାର କରିଥାଏ। ଛୋଟ ଚେରଥିବା ଗଛ ଖୁବ ଶୀଘ୍ର ବଢ଼ିପାରିଥାଏ। ଏହା ପରିବେଶ ପ୍ରଦୂଷଣକୁ ରୋକିବା ସହ ଏକ ସୁସ୍ଥ ଆଉ ସୁନ୍ଦର ପରିବେଶ ସୃଷ୍ଟି କରିଥାଏ।

**କ'ଣ ପାଇଁ ହାଇଡ୍ରୋପନିକ୍ସ**

- ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ।
- ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ।
- ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ।
- ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ।
- ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ।
- ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ।
- କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ।
- ମୂଲ୍ୟବାନ ବୃକ୍ଷ ଫୁଲ ମଧ୍ୟ ଚାଷକରାଯାଇ ପାରିବ।

**ଅପକାରିତା**

- ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ।
- ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ।
- ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ।
- ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ।
- ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ।
- ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି।

# ଚାଷ ଓ ଚାଷୀର କଥା...



ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ । ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି । ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ । ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ । ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

**କୃଷକ ପାଠ୍ୟକ୍ରମ :**

୧ . ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨ . ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ
(ସହାୟତା- ବିଜ୍ଞାନ)



# ଲାଭଦାୟକ ଫସଲ ବାଇଗଣ



ବାଇଗଣ ଏକ ମୁଖ୍ୟ ପରିବା ଭାବେ ବେଶ ଆଦୃତ । ପ୍ରତି ଓଡ଼ିଆଙ୍କ ପରିବା ଡାଲାରେ ଏକ ନିୟମିତ ପରିବା ଭାବେ ପରିଚ୍ଚିତ ମଧ୍ୟ । ଭୋର ପହନ୍ତାରୁ ଚୁଲିମୁଲେ ପୋଡ଼ା ବାଇଗଣ ସାଙ୍ଗକୁ ପଖାଳ ଭାତ ବେଶ୍ ଜମେ । ତେବେ ଧଳା ବାଇଗଣରେ ଔଷଧୀୟ ଗୁଣ ତଥା ଫାଇବର, ମିନେରାଲ ରହିଥିବା ହେତୁ ଡ଼ାୟାବେଟିକ ରୋଗୀ , ଗର୍ଭବତୀ ମହିଳା ଏବଂ ବ୍ଲଡ୍ ପ୍ରେସର୍ ରୋଗୀମାନେ ଏହାକୁ ଅଧିକ ଖାଇଥାନ୍ତି । ଆଜିକାଲି ବଜାରରେ ବାଇଗଣର ବେଶ ଚ୍ଚାହିଦା ମଧ୍ୟ ରହିଛି ଏଣୁ ଜଳ ସେଚ୍ଚନ ସୁବିଧା ଥିବା ଢିପ ଜମିରେ ଧାନ ପରିବର୍ତ୍ତେ ବାଇଗଣ ଚ୍ଚାଷ କଲେ ଚ୍ଚାଷୀ ଭାଇମାନେ ଅଧିକ ଲାଭ ପାଇପାରିବେ ।

ସର୍ବ ପ୍ରଥମେ ଚ୍ଚାଷୀ ଭାଇ ମାନଙ୍କୁ ଧ୍ୟାନ ଦେବା ଦରକାର ଯେଉଁ ସମୟରେ ସାଧାରଣତଃ ବାଇଗଣ ବେଶି ଫଳି ଥାଏ ଠିକ୍ ସେହି ସମୟରେ ଦାମ୍ କମ୍ ହୁଏ ଏଣୁ ଅଧିକ ପରିମାଣରେ ଚ୍ଚାଷ କରୁଥିଲେ ସର୍ବଦା ବଜାର ଚ୍ଚାହିଦା ଏବଂ ଖାଉଟି ଦରଦାମ୍ ଉପେରେ ବିଶେଷ ନଜର ରଖି ଚ୍ଚାଷ କରିବାକୁ ପଡ଼ିବ। ଧଳା ବାଇଗଣର ଔଷଧୀୟ ଗୁଣ ରହିଥିବା ହେତୁ ବଜାରରେ ଅନ୍ୟ ବାଇଗଣଠୁ ଏହାର ଅଧିକ ଚ୍ଚାହିଦା ଦେଖାଯାଏ ସେଇପରି ଭାବେ କଣ୍ଟା ବାଇଗଣର ମଧ୍ୟ ବିଶେଷ ଚ୍ଚାହିଦା ରହିଛି । ତେବେ ବାଇଗଣ ଅମଳର ପରିମାଣ ସଠିକ୍ ବିହନ ଚ୍ଚୟନ ଏବଂ ଖାଦ୍ୟ ସାର ପରିଚ୍ଚାଳନା ଉପରେ ନିର୍ଭରକରେ ଏଣୁ ସର୍ବଦା ସଠିକ୍ ବିହନ ଏବଂ ସମନିତ୍ୱ ଖାଦ୍ୟ ସାର ପରିଚ୍ଚାଳନା କଲେ ଚ୍ଚାଷୀ ଭାଇମାନେ କମ୍ ଖର୍ଚ୍ଚ ରେ ଅଧିକ ଲାଭ ପାଇପାରିବେ।

**୧ . ସଠିକ୍ ବିହନ ଚ୍ଚୟନ**

ଗାଁ ଗହଳି ରେ ଚ୍ଚାଷୀ ସାଧାରଣତଃ ନିକଟସ୍ଥ ଦୋକାନରେ ଉପଲବ୍ଧ ହେଉଥିବା ବିହନ ଉପରେ ନିର୍ଭର କରିଥାନ୍ତି ଏବଂ ଗାଁ ଦୋକାନୀ ନିଜକୁ ସୁହାଇଲା ଭଳି ବିହନ ମଧ୍ୟ ରଖିଥାଏ ଫଳରେ ଚ୍ଚାଷୀ ଉନ୍ନତ ବିହନ ପାଇପାରେ ନାହିଁ । ଏଣୁ ସବୁବେଳେ ଉନ୍ନତ ଏବଂ ରୋଗ ପ୍ରତରୋଧକ ଶକ୍ତି ଥିବା ବିହନ ଚ୍ଚୟନ କରିବା ଅବଶ୍ୟକ । ଓଡ଼ିଶା ଜଳବାୟୁ ପାଇଁ ଓୟୁଏଟି ଭୁବନେଶ୍ୱରରୁ କେତେକ ଉନ୍ନତ କିସମର ବିଜାଣୁ ଜନିତ ଝାଉଁଳା ରୋଗ ପ୍ରତିରୋଧ ବିହନ ଉତ୍ପାଦନ କରାଯାଇଛି ସେ ଗୁଡିକ ହେଲା ଉତ୍କଳ ତାରିଣି,ଉତ୍କଳ କେଶରୀ , ଉତ୍କଳ ମାଧୁରୀ ଏବଂ ଅନ୍ୟ ପ୍ରଜାତିର କିସମ ଯଥା ପୁଷା କ୍ରାନ୍ତି , ପୁଷା ପର୍ପଲ୍ ଲଙ୍ଗ, ପୁଷା କ୍ଲଷ୍ଟର ଆଦି କିସମର ବିହନ ଓଡ଼ିଶା ଜଳବାୟୁ ପାଇଁ ଉପଯୁକ୍ତ । ଶଙ୍କର ବା ହାଇବ୍ରିଡ୍ ଜାତୀୟ ମଧ୍ୟରେ ଯେ କେ ୮୦୩୧ ଅଧିକ ଅମଳ ଦେଇଥାଏ ।

**୨ . ତଳି ପ୍ରସ୍ତୁତି**

ସାଧାରଣତଃ ନିଗିଡା ଦୋରସା ମାଟି ବାଇଗଣ ଚ୍ଚାଷ ପାଇଁ ପ୍ରସ୍ତୁତ ଏଣୁ ପାଣି ସୁବିଧାଥିବା ଉଚ୍ଚ ନିଗିଡା ଜମିରେ ତଳି ପକାଯାଏ । ବିଲକୁ ଭଲ ଭାବେ ଚ୍ଚାଷକରି ଅନାବନା ଘାସ ବାଚ୍ଛି ୩ ରୁ ୪ ଫୁଟ ଚ୍ଚଉଡ଼ା ଏବଂ ୧୦ ଫୁଟ ଲମ୍ବାର ଏକ ୧୦ ରୁ ୨୦ ସେମି ଉଚ୍ଚ ପଟି ପ୍ରସ୍ତୁତ କରନ୍ତୁ । ଉଚ୍ଚହେବାଦ୍ୱାରା ଜଳ ନିଷ୍କାସନ ଓ ତଳିଘର କଟା ରୋଗ କମ୍ ହୋଇଥାଏ । ତଳିପଟି ଗୁଡ଼ିକ ମଧ୍ୟରେ ୧.୫ ଫୁଟର ଏକ ରାସ୍ତା ଯିବା ଆସିବା ପାଇଁ ଛାଡନ୍ତୁ । ପ୍ରତ୍ୟେକ ତଳିପଟିରେ ୪ ରୁ ୫ ଝୁଡି ଗୋବର ଖତ ସହିତ ୭୫ ଗ୍ରାମ ୟୁରୀୟା,୧୦୦ ଗ୍ରାମ ସୁପର ଓ ୨୫ ଗ୍ରାମ ପଟାସକୁ ଭଲ ଭାବେ ମିଶେଇ ଏକ ସମତୁଲ ତଳି ପଟି ପ୍ରସ୍ତୁତ କରନ୍ତୁ । ମି ବୁଣିବାର ୩ ରୁ ୫ ଦିନ ପୂର୍ବରୁ ତଳି ପଟି ପ୍ରସ୍ତୁତ କରିବ ଆବଶ୍ୟକ । ପିମ୍ପୁଡ଼ି କିମ୍ବା ଅନାନ୍ୟ ଉଇ ଦେଖା ଦେଲେ ତାକୁ ତୁରନ୍ତ ନଷ୍ଟ କରିବା ଆବଶ୍ୟକ ଅଟେ । ଏକ ଏକର ଜମି ପାଇଁ ସାଧାରଣତଃ ୨୦୦ ରୁ ୨୫୦ ଗ୍ରାମର ମଞ୍ଜି ଓ ୯ ଟି ତଳି ପଟି ଆବଶ୍ୟକ ହୋଇଥାଏ , ମଞ୍ଜି ବୁଣିବା ପୂର୍ବରୁ ସେଗୁଡିକୁ ୧ ଗ୍ରାମ ଥିରାମ ରେ ଭଲ ଭାବେ ବିଶୋଧନ କରି ଅଧ ଇଞ୍ଚ ଗଭୀରରେ ଧାଡ଼ି ଧାଡ଼ି କରି ବୁଣାଯାଏ। ଶୀଘ୍ର ଗଜା ବାହାରିବା ପାଇଁ ତଳି ପଟିକୁ ପାଳ ବା ନଡ଼ା ରେ ଆଚ୍ଛାଦିତ କରି ପାଣି ଛିଞ୍ଚନ କରାଯାଏ । ୪ ରୁ ୫ ଦିନ ପରେ ଗଜା ବାହାରେ ଏହାପରେ ପାଳ କୁ କାଢି ଦେବା ଦରକାର ଏବଂ ନିୟମିତ ଭାବେ ଯତ୍ନ ନେଲାପରେ ପ୍ରାୟ ୨୦ ରୁ ୨୫ ଦିନ ମଧ୍ୟରେ ତଳି ଗୁଡ଼ିକ ରୋଇବା ପାଇଁ ଉପଯୁକ୍ତ ହୋଇଥାନ୍ତି ।

**୩. ଜମି ପ୍ରସ୍ତୁତି**

ଏକର ପିଛା ଜମିରେ ୬ ରୁ ୮ ଗାଡ଼ି ଖତ ଦେଇ ଭଲ ଭାବରେ ଦୁଇ ଓଡ ହଳ କରି, ମଇ ସାହାଯ୍ୟରେ ମାଟିକୁ ଗୁଣ୍ଡ କରି ସମତୁଲ କରନ୍ତୁ । ତତ୍ ସହିତ ୧୦ କିଗ୍ରା ଯବକ୍ଷାରଜାନ ,୨୦ କିଗ୍ରା ଫସଫରସ ଏବଂ ୬ କିଗ୍ରା ପୋଟାସ୍ ସାର ଦେଇ କୁ ଧାଡ଼ି ୬୦ ସେମି ଏବଂ ଗଛକୁ ଗଛ ୪୫ ସେମି ଦୂରତା ମଧ୍ୟରେ ଚ୍ଚାରା ରୋପଣ କରି ପାଣି ଦିଅନ୍ତୁ । ୨୦ ରୁ ୨୫ ଦିନ ପରେ ଅନାବନା ଘାସ ବାଛି କୋଡ଼ାଖସା କରି ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ଏବଂ ୫ ରୁ ୭ ଦିନ ବ୍ୟବଧାନରେ ଜଳବାୟୁକୁ ଦେଖି ପାଣି ମଡ଼ାନ୍ତୁ । ସେହିପରି ୪୦ ରୁ ୪୫ ଦିନ ହେଲା ପରେ ପୁଣିଥରେ ଏକର ପିଛା ୨୦ କିଗ୍ରା ଯବକ୍ଷାରଜାନ ଏବଂ ୧୨ କିଗ୍ରା ପଟାସ ସାର ଦେଇ ମାଟି ଟେକି ଦିଅନ୍ତୁ । ସାର ସବୁବେଳେ ଗଛ ଠାରୁ ୨ ରୁ ୩ ଇଞ୍ଚ ଛାଡ଼ି ପ୍ରୟୋଗ କରିବା ଉଚ୍ଚିତ ।



**୪ .ଅମଳ**

ତଳି ରୋଇବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଧରିଥାଏ ଏବଂ ଏକର ପିଛା ପ୍ରାୟ ୯୦ ରୁ ୧୧୦ କ୍ୱିଣ୍ଟାଲ ଅମଳ ହୋଇଥାଏ ।

**ମୁଖ୍ୟ ରୋଗ ଓ ପୋକ**

ବାଇଗଣରେ ମୁଖ୍ୟତଃ କାଣ୍ଡ ବିନ୍ଧା ଓ ଫଳବିନ୍ଧା ପୋକ ବେଶୀ କ୍ଷତି କରିଥାନ୍ତି । ଏହି ପୋକରୁ ରକ୍ଷା ପାଇବା ପାଇଁ ପ୍ରତି ଗଛ ପିଛା ୫୦ ଗ୍ରାମ ଲିମ୍ବ ପିଡ଼ିଆ ଏବଂ ଏକର ପ୍ରତି ୫ ଲି ଲିମ୍ବତେଲ ସ୍ପ୍ରେ କରିବା ସହିତ ପ୍ରତି ୧୦ ଧାଡ଼ିରେ ଗୋଟେ ଲେଖେ ଫେରୋମନ ଟ୍ରାପ୍ ଲଗାଇ ପୋକର ପ୍ରାଦୃଭାବ କମାଇ ପାରିବା । ଅଧିକ ପରିମାଣରେ ଦେଖା ଦେଲେ ବଜାରରେ ମିଳୁଥିବା ଇମାକ୍ଟିନ ବେଞ୍ଜୋଏଟ୍ କିମ୍ବା ଥିଓଡିକାର୍ବ କୀଟନାଶକ ୧ ଲିଟର ପାଣିରେ ୧ ଗ୍ରାମ ମିଶାଇ ଛିଞ୍ଚନ କଲେ ପୋକର ପ୍ରାଦୃଭାବ କମ୍ ହୋଇଥାଏ ।

ସେଇଭଳି ମୁଖ୍ୟ ରୋଗ ଭାବେ ଝାଉଁଳା ରୋଗ ବେଶୀ କ୍ଷତି କରେ - ଏହି ରୋଗ ବ୍ୟାକ୍ଟେରିଆ କିମ୍ବା ସୂତ୍ର କୃମି ଦ୍ୱାରା ହୋଇଥାଏ ଏଣୁ ପ୍ରଥମେ ଚେର କୁ ଅନୁଧ୍ୟାନ କରି ଏହା କେଉଁ ଦ୍ୱାରା ହୋଇଛି ତାହା ଚ୍ଚୟନ କରିବା ଆବଶ୍ୟକ।

୧ .ମୂଳରେ ଫିମ୍ପି ଲାଗିଥିଲେ ଏହା ଫିମ୍ପି ଜନିତ ଝାଉଁଳା ରୋଗ :- ପ୍ରତି ୨ ଗ୍ରା ବାଭିଷ୍ଟିନ କିମ୍ବା ୧.୫ ଗ୍ରା ଟେବୁକୋନାଜଲ ୧ ଲି ପାଣିରେ ମିଶାଇ ଛିଞ୍ଚନ କରିବା

୨ .ମୂଳରେ ଛୋଟ ଛୋଟ ଗଣ୍ଠି ଥିଲେ ଏହା ସୁତ୍ରକୃମି ଜନିତ ଝାଉଁଳା ରୋଗ :-ଦାନାଦାର କିମ୍ବା ଫୁରାଡନ୍ ଗୁଣ୍ଡ ମୂଳରେ ପକାନ୍ତୁ । ଚ୍ଚାଷ ଆରମ୍ଭରୁ ଗେଣ୍ଡୁ ଫୁଲ ପ୍ରତି ଧାଡ଼ିରେ ରୋପୋଣ କଲେ ଏହା ଏକ ଜନ୍ତା ଫସଲ ଭାବେ କାର୍ଯ୍ୟ କରିବା

୩. ବ୍ୟାକ୍ଟେରିଆ ଜନିତ ଝାଉଁଳା ରୋଗ ହୋଇଥିଲେ :- ପ୍ଲାଣ୍ଟମାଇସିନ ୧ ଗ୍ରା ପ୍ରତି ଲିଟର ଜଳରେ କିମ୍ବା ଷ୍ଟେପଟ୍ରୋମାଇସିନ୍ ୨ ଗ୍ରା ପ୍ରତି ୧୦ ଲି ଜଳରେ ମିଶ୍ରଣ କରି ଗଛ ମୂଳରେ ଭଲ ଭାବେ ମାଟି ଓଦା ହେଲା ଭଳି ଛିଞ୍ଚନ କରନ୍ତୁ ।

ବିଜ୍ଞାନ ରଞ୍ଜନ ସାହୁ
ଓୟୁଏଟି,ଭୁବନେଶ୍ୱର
ମୋ ୯୫୫୬୨୫୯୯୧୯




# ସ୍ୱର୍ଗତଃ ଦୁର୍ଯ୍ୟୋଧନ ପ୍ରଧାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ



ଭୁବନେଶ୍ୱର/ ନୂଆଦିଲ୍ଲୀ ,(ପି.ଏନ): ଦିଲ୍ଲୀର ବିଖ୍ୟାତ ଉଦ୍‌ଯୋଗପତି ଓ ସ୍ୱନାମଧନ୍ୟ ସମାଜସେବୀ ଦୁର୍ଯ୍ୟୋଧନ ପ୍ରଧାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ୱର୍ଗତଃ ପ୍ରଧାନଙ୍କର ବିୟୋଗର ଏକାଦଶ ତିଥି ଉପଲକ୍ଷେ ଭୁବନେଶ୍ୱରର ଏ. ଏ କନଭେନସନ ଏବଂ ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ଏକାଦଶ ଉତ୍ସବରେ ତାଙ୍କର ଶତାଧିକ ପରିବାର ସଦସ୍ୟ, ବନ୍ଧୁବାନ୍ଧବ ଏବଂ ପ୍ରଶଂସକ ଯୋଗ ଦେଇଥିବା ଦେଖାଯାଇଥିଲା । ଏହି ଅବସରରେ ଉପସ୍ଥିତ ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତଃ ପ୍ରଧାନଙ୍କର ଆଦର୍ଶ ଜୀବନ, ଉତ୍କୃଷ୍ଟ ଦର୍ଶନ ଏବଂ ଉତ୍ସର୍ଗୀକୃତ ସମାଜସେବାର ଅମ୍ଳାନ ସ୍ମୃତି ଚାରଣ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି କାମନା କରିଥିଲେ। ସ୍ୱର୍ଗତଃ ପ୍ରଧାନ ଏକାଧାରରେ ଜଣେ ଧର୍ମପରାୟଣ, କର୍ତ୍ତବ୍ୟନିଷ୍ଠ, ନିଷ୍ଠାପର, ମିଷ୍ଟଭାଷୀ, ଦରଦୀ, ପରୋପକାରୀ ତଥା ସର୍ବୋପରି ଜଣେ ସର୍ବଗୁଣ ସମ୍ପନ୍ନ ମଣିଷ ଥିଲେ। ଦିଲ୍ଲୀ ଓ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ସାମାଜିକ, ସାଂସ୍କୃତିକ, ଧାର୍ମିକ ଓ ଦାତବ୍ୟ ଅନୁଷ୍ଠାନ ସହିତ ସେ ଜୀବନର ଶେଷ ପର୍ଯ୍ୟନ୍ତ ସକ୍ରିୟ ଭାବେ ଜଡିତ ରହି ଆସିଥିଲେ । ନୂଆଦିଲ୍ଲୀର ହାଉଜଖାସ୍ ଜଗନ୍ନାଥ ମନ୍ଦିରକୁ ପରିଚାଳନା କରୁଥିବା ଶ୍ରୀ ନୀଳାଚଳ ସେବାସଙ୍ଘ ଏବଂ ଛତରପୁରଠାରେ ଠାକୁର ନିଗମାନନ୍ଦଙ୍କର ଆଶ୍ରମ ସ୍ଥାପନା କରିଥିବା ଦିଲ୍ଲୀ ସାରସ୍ୱତ ସଙ୍ଘର ସ୍ୱର୍ଗତଃ ପ୍ରଧାନ ଯଥା କ୍ରମେ ପ୍ରତିଷ୍ଠାତା ସମ୍ପାଦକ ଓ ସଭାପତି ଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କର ଖୁବ ଅନ୍ତରଙ୍ଗ ଥିବା ସ୍ୱର୍ଗତଃ ପ୍ରଧାନ ଦୀର୍ଘ କାଳ ଧରି ଗାନ୍ଧୀ ପରିବାରର ବାସଗୃହ ଏବଂ ଫାର୍ମ ହାଉସର ରକ୍ଷଣାବେକ୍ଷଣ କାର୍ଯ୍ୟକୁ ତଦାରଖ କରୁଥିଲେ। ଶ୍ରୀ ପ୍ରଧାନଙ୍କର ନିମନ୍ତ୍ରଣ କ୍ରମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ହାଉଜଖାସ୍ ମନ୍ଦିରର ରଥଯାତ୍ରାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସାଧାରଣରେ ଡିଡି ପ୍ରଧାନ ନାମରେ ବେଶ୍ ଲୋକପ୍ରିୟ, ସ୍ୱର୍ଗତଃ ପ୍ରଧାନଙ୍କର ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମଦନଲାଲ ଖୁରାନା, ସାହିବ ସିଂ ବର୍ମା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ସହିତ ଖୁବ ଘନିଷ୍ଠ ସମ୍ପର୍କ ରହିଥିଲା । ଶ୍ରୀ ପ୍ରଧାନଙ୍କର ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିବା ଅନ୍ୟ ବରେଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ରାଜ୍ୟ ମନ୍ତ୍ରୀ, ପୃଥୀରାଜ ହରିଚନ୍ଦନ, ସମ୍ପଦ ସ୍ୱାଇଁ, ବିଧାୟକ ବାବୁ ସିଂହ, ବିଭୁତି ଭୂଷଣ ବଳବନ୍ତରାୟ ,ପୋଲିସ ଡିଜି ୱାଇ.ବି ଖୁରାନିଆ, ବରିଷ୍ଠ ରାଜନେତା ବ୍ରଜ କିଶୋର ତ୍ରିପାଠୀ, ଦେବୀ ପ୍ରସାଦ ମିଶ୍ର, ସୁରେଶ ଚନ୍ଦ୍ର ରାଉତରାୟ, ଗଣେଶ୍ୱର ବେହେରା, ଅତନୁ ସବ୍ୟସାଚୀ ନାୟକ, ପ୍ରସାଦ ହରିଚନ୍ଦନ, ସିଦ୍ଧାନ୍ତ ମହାପାତ୍ର, ପ୍ରିୟଦର୍ଶୀ ମିଶ୍ର, ରୋଜାଲିନ ପାଟ୍ଟଶାଣି, ପ୍ରଖ୍ୟାତ ପ୍ରବଚକ ପଣ୍ଡିତ ହୃଷିକେଶ ରଥ,ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଡଃ ଅରୁନ୍ଧତୀ ଦେବୀ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ସିଲଭର ଗାନ୍ଧୀ ମୋହନ ମହାପାତ୍ର, ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତଗତ ସଚିବ ମନୋଜ ସାହୁ, କର୍ପୋରେଟ ପରାମର୍ଶ ଦାତା ରମେଶ ସାହୁ, ଉଦୟ ଇଣ୍ଡିଆର ସମ୍ପାଦକ ଦୀପକ ରଥ,ଚିଦାତ୍ମିକା ଖଟୁଆ, ସୁନୀତି ମୁଣ୍ଡ, କୁଳମଣି ବିଶ୍ୱାଳ,ସମ୍ବିତ ତ୍ରିପାଠୀ, ପରମାତ୍ମା ଦାସ,କିଶୋର ତରାଇ,ବିଭୁତି ଭୂଷଣ ଜେନା, ପବିତ୍ର ମହାରଥା, ମନୋଜ ନାୟକ, ରୀତା ପାତ୍ର, ବାଳକୃଷ୍ଣ ପଣ୍ଡା,ପ୍ରବୋଧ ସାମନ୍ତରା ଏବଂ କାବେରୀ ବେହେରା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଏହି ଅବସରରେ ପ୍ରସିଦ୍ଧ ଗାୟିକା ଜୟଶ୍ରୀ ଧଳଙ୍କ ଦ୍ୱାରା ସ୍ୱର୍ଗତଃ ପ୍ରଧାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ପ୍ରସ୍ତୁତ ଏକ ସାଙ୍ଗୀତିକ ଭିଡିଓ ପରିବେଷଣ କରାଯାଇଥିଲା ଓ ସ୍ୱର୍ଗତଃ ଆତ୍ମାଙ୍କର ସ୍ମରଣରେ ଏକ ସ୍ମରଣିକା ମଧ ଉନ୍‌ମୋଚନ କରାଯାଇଥିଲା ଓ ଦିଲ୍ଲୀଠାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସମାବେଶରେ ଉପସ୍ଥିତ ଥିବା ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଜୟରାମ ସାମଲ, ଶରତ ନନ୍ଦ, ଗଜେନ୍ଦ୍ର ସାମନ୍ତ, ଅଶୋକ ପ୍ରଧାନ, କ୍ଷୀରୋଦ ପାତ୍ର, ଡଃ ଅଶୋକ ଚୌଧୁରୀ, ଦିଲ୍ଲୀପ ସ୍ୱାଇଁ ,ରବି ପାଣି , ଅବନୀ ସାହୁ, ଗୋବର୍ଦ୍ଧନ ଧଳ,ପ୍ରଦୀପ୍ତ ସାହୁ, ଅଭୟ ପ୍ରଧାନ, ଅଜୟ ପ୍ରଧାନ, ସଞ୍ଜୟ ମିଶ୍ର, ଅଶୋକ ପ୍ରଧାନ (ଖ), ପ୍ରଦୀପ ସ୍ୱାଇଁ, ଦିଲ୍ଲୀପ ରାଉତ, ରଙ୍କନିଧି ସାହୁ, ସନ୍ତୋଷ ରାଉତ, ବିମଳ ପଣ୍ଡା ଏବଂ ସ୍ୱର୍ଣ୍ଣପ୍ରଭା ପତି ପ୍ରମୁଖ ସାମିଲ ଥିଲେ।ଏ.ଏ କନଭେନସନଠାରେ ଆୟୋଜିତ ଏକାଦଶ ଉତ୍ସବକୁ ସୂଚାରୁ ରୂପେ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ ସ୍ୱର୍ଗତଃ ପ୍ରଧାନଙ୍କର ତିନି ସୁପୁତ୍ର ରବୀନ୍ଦ୍ରନାଥ, ରମାକାନ୍ତ ଓ ହେମାକାନ୍ତ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ସେମାନଙ୍କୁ ସହଯୋଗ କରିଥିବା ପରିବାର ସଦସ୍ୟମାନଙ୍କ ମଧ୍ୟରେ ଦୁଇ ଝିଅ କନକଲତା ପାତ୍ର ଓ ବିଦୁଲତା ଜେନା, ତିନି ବୋହୂ ସବିତା ପ୍ରଧାନ, ରୁନୁ ପ୍ରଧାନ ଏବଂ ଶାଳିନୀ ପ୍ରଧାନ, ଜ୍ୱାଇଁ ପ୍ରଶାନ୍ତ କୁମାର ପାତ୍ର, ନାତି ନାତୁଣୀ, ଅଣନାତି ଅଣନାତୁଣୀ ଯଥା:- ସିଦ୍ଧାର୍ଥ ପ୍ରଧାନ, ଶେଖର ପ୍ରଧାନ, ସଞ୍ଚିତ ପ୍ରଧାନ, ସୌରଭ ପ୍ରଧାନ, ପ୍ରୀତି ପହି, ସ୍ୱାତୀ ପାତ୍ର, ସଂଘମିତ୍ରା ବିଶ୍ୱାଳ, ଗାୟତ୍ରୀ ପ୍ରଧାନ, ନିବେଦିତା ଜେନା, ମେହେକ ପ୍ରଧାନ, ଚାର୍ବି, ଚାର୍ବିକ, ଶ୍ରେୟଶ୍ରୀ, ମାଲବିକ, ଆଂଶିକା, ଲାବଣ୍ୟ, ନାତୁଣୀ ବୋହୂ ରିଙ୍କି ପ୍ରିୟା ପ୍ରଧାନ ଏବଂ ନାତୁଣୀ ଜ୍ୱାଇଁ ରବୀନ ଗୋଚ୍ଛୱାଲ ପ୍ରମୁଖ ସାମିଲ ଥିଲେ ।

# ଜଗନ୍ନାଥଙ୍କ ଆଶୀର୍ବାଦ ଓ ଜନତାଙ୍କ ବିଶ୍ୱାସ କଂଗ୍ରେସକୁ ସୁଦୃଢ଼ କରିବ:ଭକ୍ତ ଚରଣ ଦାସ

ଭୁବନେଶ୍ୱର ,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସର ନୂତନ ସଭାପତି ଭକ୍ତ ଚରଣ ଦାସ ଦଳର ଦାୟିତ୍ୱ ନେଲାପରେ ସାଢ଼େ ଚାରିକୋଟି ଓଡ଼ିଆଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା ନିମନ୍ତେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ସଂକଳ୍ପ ପଦଯାତ୍ରା କରିଥିଲେ। ଲକ୍ଷ ଲକ୍ଷ ସମର୍ଥକଙ୍କ ସହିତ ଲଗାତାର ତିନିଦିନ ଧରି ପାଦରେ ଚାଲିଚାଲି ଶ୍ରୀକ୍ଷେତ୍ରକୁ ଯିବା ବାଟରେ କଂଗ୍ରେସ ନେତା, କର୍ମୀ, କଂଗ୍ରେସ ପ୍ରେମୀ ଓ ଜନସାଧାରଣଙ୍କ ସହ ସମ୍ପର୍କ ଯୋଡ଼ି ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଛନ୍ତି। କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଭୁବନେଶ୍ୱରରୁ ପୁରୀ ଯିବା ବାଟରେ, କଂଗ୍ରେସକୁ ଭଲ ପାଉଥିବା ସାଧାରଣ ଜନତାଙ୍କ କଂଗ୍ରେସକୁ ଭଲପାଇବା ଓ ବିପୁଳ ସମର୍ଥନ ଆମ ସମସ୍ତଙ୍କ ମନୋବଳ ବଢ଼ାଇବାରେ ସହାୟକ ହୋଇଛି। ମହାପ୍ରଭୁ ଜଗନ୍ନାଥଙ୍କ କୃପା କରୁଣା କଂଗ୍ରେସ ଉପରେ ରହିଛି। ଓଡ଼ିଶା ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କ ବିଶ୍ୱାସ ଜିତିବା ଆମର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଓଡ଼ିଶାର ନୂତନ ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପୂର୍ବତନ ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଡ. ଗିରିଧର ଗମାଙ୍ଗୋ, ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ, ଜଗନ୍ନାଥ ପଟ୍ଟନାୟକ, ଅମର ପ୍ରଧାନ, ନକୁଳ ନାୟକ, ପ୍ରାକ୍ତନମନ୍ତ୍ରୀ ବିଜୟଲକ୍ଷ୍ମୀ, ଓଡ଼ିଶା ସହ ପ୍ରଭାରୀ ଶାହାନୱାଜ ଚୌଧୁରୀ, ରୋଜାଲିନ ତିର୍କି, ଅନନ୍ତ ସେଠୀ, ଶରତ ରାଉତ, ପ୍ରାକ୍ତନ ବିଧାୟକ ସନ୍ତୋଷସିଂ ସାଲୁଜା, ଡଃ.



ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ବିଶ୍ୱଜିତ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

ଭୁବନେଶ୍ୱରରୁ ପୁରୀ ଯାତ୍ରା ସମୟରେ କଂଗ୍ରେସର ପୁରୁଖା ନେତାମାନଙ୍କ ନୈତିକ ସମର୍ଥନ ଦଳପାଇଁ କାମକରିବାର ଅପୂର୍ବ ମନୋବଳ ଯୋଗାଇଛି। ପଦଯାତ୍ରା ସମୟରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ପ୍ରମୁଖ ସାମିଲ ନହୋଇଥିଲେ ମଧ ଜନସମ୍ପର୍କ ଯୋଡ଼ିବାରେ ତାଙ୍କର ସମର୍ଥନ ଜଣାଇଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ ଯେ ମାନନୀୟା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓଡ଼ିଶାରେ କଂଗ୍ରେସକୁ ଅଧିକ ଶକ୍ତିଶାଳୀ କରିବାପାଇଁ ମୋତେ ଦାୟିତ୍ୱ ଦେଇଥିଲା ବେଳେ ପ୍ରଭାରୀ ଭାବେ ଅଜୟ କୁମାର ଲଲ୍ଲୁଙ୍କୁ ଗୁରୁ ଦାୟିତ୍ୱ ଦେଇଛନ୍ତି। ସମସ୍ତଙ୍କୁ ସାଥିରେ ନେଇ କଂଗ୍ରେସ ଦଳକୁ ରାଜ୍ୟରେ ଏକ ଶକ୍ତିଶାଳୀ ଦଳ ରୂପେ ଗଢ଼ିବା ହେଉଛି ମୋର ପ୍ରଥମ କାମ। ମୁଖ୍ୟମନ୍ତ୍ରୀ ହେବା ମୋର କୌଣସି ଇଚ୍ଛା ନାହିଁ। ଦଳକୁ ଗଢ଼ି କ୍ଷମତାକୁ ଆଣିଲେ ମୋର ଜୀବନର ସମସ୍ତ ଇଚ୍ଛା ପୂରଣ ହେବ ବୋଲି ଭାବିବି, ତାହାହିଁ କେବଳ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଛି। ଆସନ୍ତା ଦିନରେ ଓଡ଼ିଶାରେ ଚାରିକୋଟି ପଚାଶ ଲକ୍ଷଙ୍କ ଆଶା, ଭାରସା ଓ ଆଶିର୍ବାଦକୁ ପାଥେୟ କରି କଂଗ୍ରେସ ଏ ଅହଂକାରି ଜନବିରୋଧି, ଗଣତନ୍ତ୍ରବିରୋଧି ସରକାର ବିରୋଧରେ ବିଧାନସଭାରୁ ଆରମ୍ଭ କରି ରାଜରାସ୍ତାରେ ଲଢ଼େଇ କରିବ। କୌଣସି ଜନତାଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ ସବୁକିଛି ବଳିଦାନ ଦେବା ପାଇଁ କଂଗ୍ରେସ ପ୍ରସ୍ତୁତ। ଆସନ୍ତାଦିନ ଛାତ୍ର କଂଗେଅସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସ ଠାରୁ ଆରମ୍ଭ କରି ସମସ୍ତ ଛାମୁଆଁ ସଂଗଠନକୁ ନେଇ ସାରା ରାଜ୍ୟରେ ଲଢ଼େଇର ଡାକରା ଦିଆଯିବ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




